
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୨ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 02 DECEMBER 2020
Vol.No. 30 ■ No. 304 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୁଖ୍ୟମନ୍ତ୍ରୀ ବିନା ପ୍ରମାଣରେ ପଦକ୍ଷେପ ନେବେନି : ପ୍ରତାପ ଦେବ



ଭୁବନେଶ୍ୱର, ୦୧।୧୨ (ନି.ପ୍ର): ଜନ ବିରୋଧୀ କାର୍ଯ୍ୟପାଇଁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଦଳରୁ ବହିଷ୍କାର କରାଯିବା ଘଟଣାରେ ସ୍ୱଷ୍ଟୀକରଣ ଦେଇଛନ୍ତି ବିଜେଡି ମୁଖପାତ୍ର ପ୍ରତାପ ଦେବ। ସେ କହିଛନ୍ତି ଯେ ଗଂଜାମ ଜିଲ୍ଲାବାସୀ କରୋନା ସହ ଯୁଝୁଥିବା ବେଳେ ବିଧାୟକ ଚାଟାର୍ଡ ବିମାନରେ ବୁଲୁଥିଲେ , ଦିଲ୍ଲୀରେ ଲକ୍ଷ ଲକ୍ଷ ଟଙ୍କା ଦେଇ ପଂଚତାରକା ହୋଟେଲରେ ରହୁଥିଲେ । ପ୍ରାୟ ୧୮ ଥର ସେ ଚାଟାର୍ଡ ବିମାନରେ ଯାଇଛନ୍ତି। ସେଥିରେ ଯେଉଁ ଖର୍ଚ୍ଚ ହୋଇଛି ତାହା ଲୋକଙ୍କ ପଇସା କି ନୁହେଁ ବୋଲି ସାମ୍ବାଦିକ ମାନଙ୍କୁ କହିଛନ୍ତି ପ୍ରତାପ ଦେବ। ବିଧାୟକ ଜିଲ୍ଲାର ୬୮ ଜଣଙ୍କ ଠାରୁ ଚାକିରୀ କରାଇଦେବା ପାଇଁ ପଇସା ନେଇଛନ୍ତି। ଏହାର ତଦନ୍ତ ଚାଲିଛି। ଯଦି ଏହା ସତ ପ୍ରମାଣିତ ହୁଏ ତାହା ଜନ ବିରୋଧୀ ହେବ କି ନାହିଁ। ଅପରପକ୍ଷରେ ବିଧାୟକଙ୍କ ବିରୁଦ୍ଧରେ କିଛି ଷଡଯନ୍ତ୍ର ହୋଇନାହିଁ। ତଦନ୍ତ ଅନୁସାରେ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ବିନା ପ୍ରମାଣରେ ପଦକ୍ଷେପ ନେବେ ନାହିଁ ବୋଲି ପ୍ରତାପ ଦେବ କହିଛନ୍ତି। ବିଧାୟକଙ୍କ ଭାବି ଜ୍ୱାଇଁ ଟାଟା କମ୍ପାନୀର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ । ଟାଟା କମ୍ପାନୀ କର୍ତୃପକ୍ଷ ସ୍ୱଷ୍ଟ କରିଛନ୍ତି ଯେ, ଆକାଶ ପାଠକଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ । ଖୋଦ୍ ଟାଟା ଏତଲା ଦେଇଛି ଯେ, ବହୁ ଯୁବକ ଯୁବତୀଙ୍କୁ ଟାଟାରେ ଚାକିରି ଦେବା ନାଁରେ ଜାଲ୍ ନିଯୁକ୍ତପତ୍ର ଦେବା ସହ ଆକାଶ କୋଟି କୋଟି ଟଙ୍କା ଠକିଛନ୍ତି । ଏପରି ହାଇପ୍ରୋଫାଇଲ୍ ଠକାମୀକୁ ଲୁଚାଇବାକୁ ବିଧାୟକ ଓଡ଼ିଶାବାସୀଙ୍କୁ ମନଗଢ଼ା କଥା କହୁଛନ୍ତି। ପ୍ରେସମିଟ୍ କରି ଲୋକଙ୍କୁ ଭ୍ରମିତ କରିବା ସହ ଚାକିରି ପାଇଁ ଟଙ୍କା ଦେଇଥିବା ବ୍ୟକ୍ତିଙ୍କୁ ତାଙ୍କର ବିରୋଧରେ ନ ଯିବାକୁ ପରୋକ୍ଷରେ ଧମକେଇ ଥିଲେ ପ୍ରଦୀପ । ଓଡ଼ିଶାବାସୀ ତାଙ୍କ ଚାଲ୍ ଜାଣିସାରିଛନ୍ତି ଏବଂ ଏପରି ଧୋକାବାଜକୁ ସେମାନେ ଛାଡ଼ିବେ ନାହିଁ । ଓଡ଼ିଶାବାସୀଙ୍କ ପାଇଁ କାମ କରିବା ବିଜେଡି ଦଳର ଏକମାତ୍ର ଉଦ୍ଦେଶ୍ୟ । ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ବ୍ୟକ୍ତି ଯିଏ ନିଜର ସ୍ୱାର୍ଥ ପାଇଁ ଭାବି ଜ୍ୱାଇଁକୁ ବ୍ୟବହାର କରିପାରେ, ନିଜର ନିର୍ବାଚନ ମଣ୍ଡଳିବାସୀଙ୍କୁ ଧୋକା ଦେଇପାରେ ଏବଂ ଓଡ଼ିଶାବାସୀଙ୍କୁ ବେଧଡ଼କ ଭାବେ ମିଛ କହିପାରେ, ସେପରି ବ୍ୟକ୍ତିଙ୍କ ଦଳରେ ସ୍ଥାନ ନାହିଁ ବୋଲି ପ୍ରତାପ ଦେବ କହିଛନ୍ତି ।

## ଦିଲ୍ଲୀ ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇ ନବନିର୍ମାଣ କୃଷକ ସଂଗଠନର ଧାରଣା

ଭୁବନେଶ୍ୱର, ୦୧।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍‌କୁ ବିରୋଧ କରି ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନ ପଂଚମ ଦିନରେ ପହଂଚିଥିଲା ବେଳେ ଏହାକୁ ସମର୍ଥନ ଜଣାଇ ନବନିର୍ମାଣ କୃଷକ ସଂଗଠନ ଲୋୟର ପିଏମ୍‌ଜିରେ ଧାରଣାରେ ବସିଛି। ଗଣମାଧ୍ୟମରେ ଜନମାନସରେ ଚାଷୀ ଆନ୍ଦୋଳନ ନିଆଁ ବ୍ୟାପୁଥିଲା ବେଳେ ଆଜି ଓଡ଼ିଶା ଚାଷୀ ରାସ୍ତାକୁ ଓହ୍ଲାଇଛନ୍ତି । ଆନ୍ଦୋଳନକାରୀଙ୍କୁ ସମ୍ବୋଧନ କରି ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଲେ ଯେ, କର୍ପୋରେଟ ପ୍ରେମରେ ଉବୁଟୁବୁ ପ୍ରଧାନମନ୍ତ୍ରୀ ଚାଷୀଙ୍କ ଭାତହାଣ୍ଡିକୁ କମ୍ପାନୀ ହାତମୁଠାକୁ ଟେକି ଦେବାପାଇଁ ଷଡ଼ଯନ୍ତ୍ର ଚଳାଇଛନ୍ତି। କେବଳ କୃଷକ ନୁହଁନ୍ତି, ମଧ୍ୟବିତ ଓ ଗରିବ ଲୋକ କିଭଳି ଅନାହାରରେ ମରିବେ, ସେଥିପାଇଁ ବିଜେପି ଦଳ ନୂଆ କୃଷିନୀତି ମାଧ୍ୟମରେ ନକ୍ସା ତିଆରି କରୁଛି। ଏସେନ୍‌ସିଆଲ କମୋଡ଼ିଟି ଆକ୍ଟ ବଜାର ଦର ଯେଭଳି ତେଜିଛି ଆଗକୁ ଏ ପରିସ୍ଥିତି ଆହୁରି ଭୟଙ୍କର ହେବ। ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନଓ୍ୱାର ଅଲ୍ଲୀ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଚାଷୀ ଆନ୍ଦୋଳନର ନିଆଁକୁ ଚାରିଆଡ଼େ ବ୍ୟାପିବା ପାଇଁ ଯୁବ ଓ ଛାତ୍ରମାନେ ଏହି ଆନ୍ଦୋଳନକୁ ଲମ୍ଫ ପ୍ରଦାନ କରିବେ।

ଆଜିର ଧାରଣାରେ ବିଶିଷ୍ଟ ସାମ୍ବାଦିକ ତଥା ସଂଗଠନର ଉପଦେଷ୍ଟା ରବି ଦାସ, ସୂଚନା ଅଧିକାର ଆନ୍ଦୋଳନର ସଂଯୋଜକ ପ୍ରଦୀପ ପ୍ରଧାନ, ପୂର୍ବତନ ବିଶିଷ୍ଟ ପ୍ରଶାସକ ଅବସର ବେଉରିଆ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସ୍ତମ୍ଭକାର ତୁଷାରକାନ୍ତ ପ୍ରମୁଖ ଯୋଗ ଦେଇ କୃଷି ବିଲ୍ ଉପରେ ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ରଖି ଏହା ପ୍ରତ୍ୟାହାର କରାଯିବ ପାଇଁ ଦାବି କରିଥିଲେ। କରିବା କାରଣ କଣ ବୋଲି ପ୍ରଶ୍ନ କରିଥିଲେ । ପରିବାରକୁ ନ୍ୟାୟ ଦେବାରୁ କାହିଁକି ବଂଚିତ କରାଗଲା ।

## ପରୀ ହତ୍ୟାକାଣ୍ଡ ମାମଲାରେ ରାଜ୍ୟପାଳଙ୍କୁ ଭେଟିଲା ବିଜେପି ବିଧାୟକ ଦଳ




ଭୁବନେଶ୍ୱର, ୦୧।୧୨ (ନି.ପ୍ର): ବିଧାନସଭାର ଶୀତ ଅଧିବେଶନ ମାତ୍ର ୧୦ ଦିନ ରେ ମୁଲତବି କରିଦିଆଗଲା । ବେକାରୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନିୟମିତତା, ନରେଗା ଯୋଜନା ଅନିୟମିତତା, କୋଭିଡ-୧୯ କୁପରିଚାଳନା ଓ ଦୁର୍ନୀତି, ସମବାୟ ଦୁର୍ନୀତି ଭଳି ଓଡିଶାବାସୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଗୃହରେ ଆଲୋଚନା କରାଯାଇ ପାରିଲା ନାହିଁ। ଶାସକ ବିଜୁ ଜନତା ଦଳ ଉପରୋକ୍ତ ସମସ୍ୟାରୁ ନିଜକୁ ଦୁରେଇ ରଖିବା ପାଇଁ ବିଧାନସଭାକୁ ଜାଣିଶୁଣି ମୁଲତବି କରିଦେଲେ । ଏନେଇ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଛି ବିଜେପି ବିଧାୟକ ଦଳ। ଏଥିରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିବା ସହ ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରିବା ଏବଂ ପରୀ ହତ୍ୟାକାଣ୍ଡ ଘଟଣାର ସିବିଆଇ ତଦନ୍ତ ହେବା ନେଇ ରାଜ୍ୟପାଳଙ୍କ ନିକଟରେ ଫେରାଦ ହେଇଛୁ ବୋଲି ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ କହିଛନ୍ତି ।

▶▶ପୃଷ୍ଠା ୭

## ଓଏମସିର ବିଭିନ୍ନ ଅନଲାଇନ୍ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୧।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଓଡିଶା ଖଣି ନିଗମ (ଓଏମସି) ର ଗ୍ରାହକ ଇଂଟିଗ୍ରେଟେଡ୍ ମ୍ୟାନେଜମେଂଟ ସର୍ଭିସେସ୍ (ସିଆଇଏମ୍ଏସ୍) ଏବଂ ଷ୍ଟକୟାର୍ଡ ମ୍ୟାନେଜମେଂଟ ସିଷ୍ଟମ୍ (ଏସ୍ଏମ୍ଏସ୍) ଆପ୍ ର ଶୁଭାରମ୍ଭ କରିଛନ୍ତି। ସିଆଇଏମ୍ଏସ ଦ୍ୱାରା ଗ୍ରାହକମାନେ ବର୍ତମାନ ପଞ୍ଜୀକରଣ, ଅର୍ଡର ଏବଂ ଷ୍ଟକଗୁଡିକର ମୂଲ୍ୟାଙ୍କନ, ସାପ୍ତାହିକ ରିପୋର୍ଟ, ଅର୍ଡର ସ୍ଥିତି, ଅଂଚଳ ଅନୁଯାୟୀ ମୋଟ ବିକ୍ରୟ, ଅଭିଯୋଗ ସ୍ଥିତି ସମ୍ପର୍କରେ ଜାଣିପାରିବେ। ସେହିପରି ଷ୍ଟକୟାର୍ଡ ମ୍ୟାନେଜମେଂଟ ସିଷ୍ଟମ୍ (ଏସ୍ଏମ୍ଏସ୍) ଦ୍ୱାରା ଦୈତାରୀ ଲୁହା ଖଣିର ବାଲିପର୍ବତ ଷ୍ଟକୟାର୍ଡରେ କାର୍ଯ୍ୟ କରିବ ।ଏହାର ମୁଖ୍ୟ ଉପାଦାନଗୁଡ଼ିକରେ ମାନବଯୁକ୍ତ ଓଜନ ବ୍ରିଜ୍, ପରିବହନ କାର୍ଯ୍ୟସୂଚୀ, ଡିଜିଟାଲ୍ ପରିଚୟ, ପାର୍କିଂ ପରିଚାଳନା, ସ୍ୱୟଂଚାଳିତ ଓଜନ ମାପ, ରିଅଲ୍ ଟାଇମ୍ ରିପୋର୍ଟିଂ ପ୍ରମୁଖ ଅନ୍ତର୍ଭୁକ୍ତ । ଏହି ଦୁଇଟି ଆପ୍ ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶା ଖଣି ନିଗମ ଏହା ଫଳରେ ତା'ର ଗ୍ରାହକକୈନ୍ଦ୍ରିକ ଦୃଷ୍ଟିକୋଣ ଓ ଷ୍ଟକ୍ ୟାର୍ଡ ପରିଚାଳନାରେ ସୟଂସଂପୂର୍ଣ୍ଣତା ପ୍ରଦର୍ଶନ କରିଛି । ଏହି ଅନ୍‌ଲାଇନ୍ ସେବା ଖଣିଜ ଦ୍ରବ୍ୟର ଅନ୍‌ଲାଇନ୍ ବିକ୍ରିବଟା ଏବଂ ଉତୋଳିତ ଖଣିଜ ଦ୍ରବ୍ୟର ପରିବହନ ପରିଚାଳନାରେ ୫-'ଟି' ସୂତ୍ର ଆଧାରରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିପାରିବ।

▶▶ପୃଷ୍ଠା ୭

## ରାଜଧାନୀର ଘରୋଇ ସ୍କୁଲକୁ ସିଲ୍ କଲା ବିଏମସି

ଭୁବନେଶ୍ୱର, ୦୧।୧୨ (ନି.ପ୍ର): କରୋନା ଗାଇଡ୍ ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ସ୍କୁଲକୁ ବିଏମସି ସିଲ୍ କରିଛି। କରୋନା ପାଇଁ ରାଜ୍ୟର ସମସ୍ତ ସ୍କୁଲ କଲେଜ ବନ୍ଦ ଥିବା ବେଳେ ଉକ୍ତ ସ୍କୁଲରେ ଅଫଲାଇନ୍ କ୍ଲାସ୍ ସହ ପରୀକ୍ଷା ହେଉଥିବା ଅଭିଯୋଗ ହୋଇଥିଲା। ବିଏମସିର ଏକ ଟିମ୍ ଚଢାଉ କରି ସ୍କୁଲକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସିଲ୍ କରାଯାଇଛି। ସୂଚନା ଅନୁଯାୟୀ କରୋନା କଟକଣା ସତ୍ତ୍ୱେ ଭୁବନେଶ୍ୱର ଚିନ୍ତାମଣୀଶ୍ୱରସ୍ଥିତ ସାଇ ସରସ୍ୱତୀ ସ୍କୁଲରେ କ୍ଲାସ୍ ଚାଲିଥିଲା। ପିଲାମାନେ ସ୍କୁଲକୁ ଆସି ପରୀକ୍ଷା ମଧ୍ୟ ଦେଉଥିଲେ।

## ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୯,୬୯,୩୨୨ ନମୁନାର ପରୀକ୍ଷଣ

ନୂଆଦିଲ୍ଲୀ, ୦୧।୧୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୯,୬୯,୩୨୨ ନମୂନାର ପରୀକ୍ଷଣ କରା ଯାଇଛି। ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା, ୧୪,୧୩,୪୯,୨୯୮ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି।

## ଅଭୟକାନ୍ତଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, ୦୧।୧୨ (ନି.ପ୍ର): ନିଲମ୍ବିତ ହୋଇଥିବା ଆଇଏଫଏସ ଅଧିକାରୀ ଅଭୟକାନ୍ତ ପାଠକଙ୍କ ସରକାରୀ ବାସଭବନରେ ମଙ୍ଗଳବାର ଦିନ ଭିଜିଲାନ୍ସ ପକ୍ଷରୁ ଚଢାଉ କରା ଯାଇଥିବା ଜଣା ପଡିଛି । ଅନ୍ୟ ପକ୍ଷରେ ତାଙ୍କ ଡ୍ରାଇଭର ଆଜି ଭିଜିଲାନ୍ସରେ ହାଜର ହୋଇଛନ୍ତି।

ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଦ୍ୱାରା ଅଭୟକାନ୍ତଙ୍କ ସରକାରୀ ବାସଭବନରେ ଚଢ଼ାଉ କରାଯାଇଛି।

## ଏମ୍ଏନ୍‌ଜିଏଲ୍‌ର ୧୦୦ତମ ସିଏନଜି ଷ୍ଟେସନ ଉଦ୍‌ଘାଟିତ

### ୧୦ ହଜାର ସିଏନଜି ଷ୍ଟେସନ ପ୍ରତିଷ୍ଠା ସହ ୫ କୋଟି ପିଏନଜି ସଂଯୋଗ ଲକ୍ଷ୍ୟ : ଧର୍ମେନ୍ଦ୍ର




ନୂଆଦିଲ୍ଲୀ/ଭୁବନେଶ୍ୱର, ୦୧।୧୨ (ନି.ପ୍ର): ଆଗାମୀ ୫ ରୁ ୭ ବର୍ଷ ମଧ୍ୟରେ ଦେଶରେ ୧୦ ହଜାର ସିଏନ୍‌ଜି ଷ୍ଟେସନ ପ୍ରତିଷ୍ଠା ଏବଂ ୫ କୋଟି ପିଏନଜି ସଂଯୋଗ ପାଇଁ ଭାରତ ସରକାର ଯୁଦ୍ଧକାଳୀନ ଭିତିରେ କାମ କରୁଛନ୍ତି ବୋଲି ମଙ୍ଗଳବାର ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସ ଜରିଆରେ ମହାରାଷ୍ଟ୍ର ପ୍ରାକୃତିକ ଗ୍ୟାସ କମ୍ପାନୀ(ଏମଏନ୍‌ଜିଏଲ)ର ୫ଟି ଗ୍ୟାସ ଷ୍ଟେସନ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଉଲ୍ଲେଖନୀୟ ଯେ, ଏହି ୫ଟି ଗ୍ୟାସ ଷ୍ଟେସନର ଲୋକାର୍ପଣ ହେବା ଫଳରେ ଏମଏନଜିଏଲ୍ କମ୍ପାନୀର ସିଏନଜି ନେଟ୍‌ଓ୍ୱାର୍କ ୧୦୦ରେ ପହଁଚିଛି । ଏହି ଅବସରରେ ଶ୍ରୀ ପ୍ରଧାନ ଉପରୋକ୍ତ ଲକ୍ଷ୍ୟକୁ ହାସଲ କରିବା ପାଇଁ ସମସ୍ତ ସିଟି ଗ୍ୟାସ ବିତରଣ(ସିଜିଡି) ସଂସ୍ଥା ଏବଂ ତୈଳ ବିପଣନ କମ୍ପାନୀମାନେ ଅଧିକ ପରିଶ୍ରମ କରିବାକୁ ଆହ୍ୱାନ କରିଛନ୍ତି । ସେହିପରି ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ନାସିକର ପାଥରାଡ଼ି ଠାରେ ଏଲଏନଜି/ସିଏନଜିର କାର୍ଯ୍ୟର ଶୁଭାରମ୍ଭ କରିବା ସହ ନାସିକ୍ ଠାରେ ବସରେ ସିଏନଜି ଯୋଗାଣ, ପୁଣେ ଠାରେ ମୋବାଇଲ ରିଫ୍ୟୁଲିଂ ୟୁନିଟ(ଏମଆରୟୁ)

▶▶ପୃଷ୍ଠା ୭

## ବହୁ ଚର୍ଚ୍ଚିତ ନୟାଗଡ଼ ପରି ହତ୍ୟା ମାମଲା

## ପୀଡ଼ିତାଙ୍କ ଗାଁରେ ପହଂଚିଲେ ଆଇଜି ଅରୁଣ ବୋଥ୍ରା




ନୟାଗଡ଼, ୦୧।୧୨ (ନି.ପ୍ର): ବହୁ ଚର୍ଚ୍ଚିତ ନୟାଗଡ଼ ପରି ହତ୍ୟା ମାମଲାରେ ଏସଆଇଟି ମାମଲା ତଦନ୍ତ ଆରମ୍ଭ କରିଥିବା ବେଳେ ଆଜି ଶିଶୁକନ୍ୟା ପରୀର ଗାଁ ଯଦୁପୁରରେ ପହଂଚିଛନ୍ତି ଏସଆଇଟି ମୁଖ୍ୟ ଆଇଜି ଅରୁଣ ବୋଥ୍ରା । ସେ ପୀଡ଼ିତାଙ୍କ ପରିବାର ଲୋକ ଓ ଅନ୍ୟମାନଙ୍କ ଠାରୁ ଏନେଇ ଅଧିକ ତଥ୍ୟ ସଂଗ୍ରହ କରିବେ ।

## ରାଜ୍ୟ ମାନବାଧିକାର କମିସନ୍ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ଜଷ୍ଟିସ୍ ବି.କେ ପଟେଲ

ଭୁବନେଶ୍ୱର, ୦୧।୧୨ (ନି.ପ୍ର) :ଜଷ୍ଟିସ୍ ବି.କେ ପଟେଲ ରାଜ୍ୟ ମାନବାଧିକାର କମିସନ୍ ଅଧ୍ୟକ୍ଷ ଭାବେ ମଙ୍ଗଳବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଉଲ୍ଲେଖନୀୟ ଯେ ଗତ ଗତ କିଛି ଦିନତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜଷ୍ଟିସ୍ ପଟେଲଙ୍କୁ କମିସନର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବାକୁ ରାଜ୍ୟପାଳଙ୍କୁ ସୁପାରିସ୍ କରାଯାଇଥିଲା। ରାଜ୍ୟପାଳ ଚୟନ କମିଟିର ସୁପାରିସ୍‌କୁ ଅନୁମୋଦନ ପ୍ରଦାନ କରିଥିଲେ । ଏବେ ମାନବାଧିକାର କମିସନରେ ଜଷ୍ଟିସ୍ ରଘୁବୀର ଦାଶ ଓ ଅସୀମ ଅମିତାଭ ଦାସ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି।

## ରାଜ୍ୟରେ ଆଉ ୫ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୭୪୪

ଭୁବନେଶ୍ୱର, ୦୧।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୪୪ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ପୁରୀ ଜିଲ୍ଲାର ୩ ଜଣ ଥିବା ବେଳେ ଜଗତସିଂହପୁର ଓ ଖୋର୍ଧା ଜିଲ୍ଲାର ଜଣେ ଜଣେ ଅଛନ୍ତି । ଖୋର୍ଧା ଜିଲ୍ଲାର ଜଣେ ୬୮ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଜଗତସିଂହପୁର ଜିଲ୍ଲାର ଜଣେ ୩୯ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ପୁରୀ ଜିଲ୍ଲାର ଜଣେ ୩୬ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ପୁରୀ ଜିଲ୍ଲାର ଜଣେ ୬୫ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୭୮ ବର୍ଷୀୟ ପୁରୁଷ କୋରାନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ।

## ତୃତୀୟ ସ୍ୱନକ୍ଷତ୍ର ଉତ୍ସବ : ୨୦ ଜଣଙ୍କୁ ଗୀତାଞ୍ଜଳି ଗୌରବ ସମ୍ମାନ




ଭୁବନେଶ୍ୱର; ୦୧।୧୨ (ନି.ପ୍ର): ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ୍ ଟ୍ରଷ୍ଟ ତରଫରୁ ଭୁବନେଶ୍ୱର ସ୍ଥିତ ହୋଟେଲ ଏକ୍ସଲେନ୍ସି ଠାରେ ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ଓ ଗୀତାଞ୍ଜଳି ଗୌରବ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହେଇୋଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠି ଏହି କାର୍ଯ୍ୟକ୍ରମକୁ ମାନ୍ୟବର ଆଦିବାସୀ କଲ୍ୟାଣ ଓ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ଜଗନ୍ନାଥ ସାରକା ଆନୁଷ୍ଠାନିକ ଭାବେ ଉଉଦ୍‌ଘାଟନ କରିବା ସହିତ ଟ୍ରଷ୍ଟର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଡଃ ଅମର ପଟ୍ଟନାୟକ ଯୋଗଦେଇ ଅନୁଷ୍ଠାନର ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହିତ ଭବିଷ୍ୟତରେ ଏପରି ସାମାଜିକ କାର୍ଯ୍ୟକ୍ରମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲୀ, ପୂର୍ବତନ ପ୍ରଧାନ ଆୟକର ଆୟୁକ୍ତ ଶରତ ଦାଶ, ନାଲ୍‌କୋରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଶୁତୋଷ ରଥ, ବିଶିଷ୍ଟ ସମାଜସେବୀ ତଥା ବିଜୁ ଜନତା ଦଳର ମୁଖପାତ୍ର ବ୍ରାତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ସ୍ମରଣୀକା 'ଗୀତାଞ୍ଜଳି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲେ । ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦ଜଣ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଗୀତାଞ୍ଜଳି ଗୌରବ ସମ୍ମାନ-୨୦୨୦ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ସୁଚିସ୍ମିତା ପୃଷ୍ଟି, ଅନୁଷ୍ଠାନର ଟ୍ରଷ୍ଟି ଦାପସ ରଞ୍ଜନ ମଲ୍ଲିକ, ଅନ୍ୟତମ ସଦସ୍ୟ ବିଶ୍ୱଜିତ୍ ସାମନ୍ତରାୟ, ତପନ କୁମାର ସ୍ୱାଇଁ, ଦେବେନ୍ଦ୍ର ନାୟକ, ପ୍ରକାଶ ପ୍ରଧାନ ପ୍ରମୁଖ ପରିଚାରନାରେ ସହଯୋଗ କରିଥିଲେ । ମଞ୍ଚ କରିଚାଳନା କରିଥିଲେ ଉପସ୍ଥାପକ ଶୁଭୋଜିତ୍ ପଣ୍ଡା ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୩୧,୧୧୮ ନୂଆ ମାମଲା

ନୂଆଦିଲ୍ଲୀ, ୦୧।୧୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩୧,୧୧୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୪୮୨ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୪,୩୧,୬୯୨ ରେ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୩୫,୬୦୩ ଥିବା ବେଳେ ବର୍ତମାନ ସୁଦ୍ଧା ୧,୩୭,୬୨୧ଜଣ ମୃତ୍ୟୁ ବରଣ କରିଛନ୍ତି

# ମଦଭର୍ତ୍ତି ବଲେରୋ ଜବତ : ୨ ଗିରଫ



ବାଲେଶ୍ୱର,୧।୧୨ (ନି.ପ୍ର): ବାଲେଶ୍ୱର ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାର୍ଡ଼ ପକ୍ଷରୁ ଚଢ଼ଉ ହୋଇ ଦେଶୀମଦ ଭର୍ତ୍ତି ଏକ ବଲେରୋ ଜବତ ସହ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଦିନ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ଦାମୋଦରପୁର ଅଞ୍ଚଳର ଉଦ୍ଧବ ବେହେରାଙ୍କ ପୁତ୍ର ପବିତ୍ର କୁମାର ବେହେରା(୪୦) ଓ ପୁରୁଣାବାଲେଶ୍ୱରର ପଦ୍ମଲୋଚନ ଖଟୁଆଙ୍କ ପୁତ୍ର ମଦନ ଖଟୁଆ(୨୦)। ପୁରୁଣା ବାଲେଶ୍ୱରରୁ ଦେଶୀମଦ ନେଇ ଓଡି୦୨ଏକସ/୨୬୭୨ ନଂର ବଲେରୋରେ ଭଦ୍ରକ ଅଞ୍ଚଳକୁ ଯାଉଥିବା ବେଳେ ବାଲେଶ୍ୱର ସହରର ବଙ୍କାଖଜିର ଛକଠାରେ ଅବକାରୀ ଟିମ୍ ସେମାନଙ୍କୁ କାବୁ କରିଥିଲା। ଜବତ୍ ୧୨ଶହ ଲିଟର ମଦର ଆନୁମାନିକ ମୂଲ୍ୟ ଲକ୍ଷେରୁ ଅଧିକ ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ କହିଛନ୍ତି। ଏନେଇ ଏକ ମାମଲା ରୁଜୁ ସହ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁରୁଣାବାଲେଶ୍ୱରରୁ ଦେଶୀମଦ ଜିଲ୍ଲାର ସୋର, ବାହାନଗା, ସିମୁଳିଆ ସମେତ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଥିବା ନେଇ ଅବକାରୀ ବିଭାଗ ନିକଟରେ ପୂର୍ବରୁ ସୂଚନା ଥିଲା। ତେବେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଇନସ୍ପେକ୍ଟର ଗାଲୁରାମ ସୋରେନ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ବଙ୍କାଖଜିର ଛକ ନିକଟରେ ଆଜି ଭୋରରୁ ପହରା ଦେଇଥିଲେ। ଓଡି୦୨ଏକ୍ସ/୨୬୭୨ ନଂର ବଲେରୋ ସଲଟ୍ ରୋଡ଼କୁ ବୁଲିବା ପୂର୍ବରୁ ତାକୁ ଅଟକାଇ ଅବକାରୀ ଟିମ୍ ତଲାସି ଥିଲା। ଏଥିରେ ଦେଶୀମଦ ରହିଥିବା ଜଣାପଡ଼ିବା ପରେ ବଲେରୋକୁ ଜବତ୍ ସହ ଏଥିରେ ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଅବକାରୀ କାର୍ଯ୍ୟାଳୟକୁ ନିଆଯାଇଥିଲା। ସବୁଠାରୁ ବଡ଼କଥା ହେଲା ଚୋରାମଦ ଚାଲାଣ ବେଳେ ପୁଲିସ ନଜରରୁ ବର୍ତ୍ତିବା ପାଇଁ ଏହି ବଲେରୋରେ ଅତ୍ୟାଧୁନିକ ସିସି କ୍ୟାମେରା ବ୍ୟବସ୍ଥା ରହିଥିଲା। କେଉଁ ଲୋକ ବା ଗାଡ଼ି ଏହାକୁ ପିଛା କରୁଛି ତାହାକୁ ସେମାନେ ସହଜରେ ଜାଣିପରାରୁଥିଲେ। ପୁରୁଣାବାଲେଶ୍ୱର, ତୁଳସୀପଦା ପ୍ରଭୃତି ଅଞ୍ଚଳରୁ ନିୟମିତ ଦେଶୀମଦ ନେଇ ସେମାନେ ଜିଲାର ବିଭିନ୍ନ ଅଞ୍ଚଳ ସମେତ ଭଦ୍ରକ ଜିଲାକୁ ଚାଲାଣ କରୁଥିଲେ ବୋଲି ଗିରଫ ଅଭିଯୁକ୍ତ ଦ୍ୱୟ ପଚରାଉଚୁରା ବେଳେ ପ୍ରକାଶ କରିଥିବା ଅବକାରୀ ଅଧିକାରୀ କହିଥିଲେ। ପୂର୍ବରୁ ମଧ୍ୟ ଅନେକଥର ଏହିଭଳି ଚଢ଼ଉ ହୋଇ ଭଦ୍ରକ ଚାଲାଣ ବେଳେ ବହୁ ଗାଡ଼ି ଓ ବିପୁଳ ପରିମାଣର ମଦ ଜବତ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଆଜିର ଏହି ଚଢ଼ଉରେ ବହୁ ଅବକାରୀ କର୍ମଚାରୀ ସାମିଲ ହୋଇଥିଲେ।

# ବାଲ୍ୟ ବିବାହ ଏକ ବ୍ୟାଧି, ସଚେତନତା ହିଁ ଏହାର ଔଷଧ

## ଫେଲୋସିପ୍ ସ୍ୱଧାର ଗୃହରେ ବାଲ୍ୟ ବିବାହ ପ୍ରତିରୋଧ କର୍ମଶାଳା




ଭଦ୍ରକ,୧।୧୨ (ନି.ପ୍ର): ମହିଳା ଓ ବାଳିକା ହିଂସା ନିରୋଧ ସପ୍ତାହ ପାଳନ ଅବସରରେ ଆଜି ଅପରାହ୍ନରେ ଭଦ୍ରକ ଫେଲୋସିପ୍ ସ୍ୱଧାର ଗୃହରେ ବାଲ୍ୟ ବିବାହ ପ୍ରତିରୋଧ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଫେଲୋସିପ୍‌ର ଅଧକ୍ଷ ଲଲାଟେନ୍ଦୁ ମହାନ୍ତିଙ୍କ ସଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ସଭାପତି ପ୍ରାଧାପିକା ଝରଣା ପଟ୍ଟନାୟକ, ସମ୍ପାଦକ ଫାରୁକ୍ ଭାଇ, ଅତିଥି ଜୁଭେନାଇଲ ବୋର୍ଡର ସଦସ୍ୟ ଅଧିବକ୍ତା ଶିବ ପ୍ରସାଦ ମହାନ୍ତି, ପ୍ରାଧାପିକା ଡ. ରାଧାରାଣି ମହାପାତ୍ର, ସାମ୍ବାଦିକ ତପନ କୁମାର ମିଶ୍ର, ଛାତ୍ରୀ କଳ୍ପନା ନାୟକ ଯୋଗ ଦେଇଥିଲେ। ବାଲ୍ୟ ବିବାହ ହେଉଛି ଏକ ବିରାଟ ସାମାଜିକ ବ୍ୟାଧି। ଏହି ବ୍ୟାଧିର ମହୌଷଧି ହେଉଛି କେବଳ ସଚେତନତା। ଲୋକେ ଯେତେ ସଚେତନ ହେବେ ଏ ବ୍ୟାଧି ମୂଳପୋଛ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା। ଅଧିବକ୍ତା ଶ୍ରୀଯୁକ୍ତ ମହାନ୍ତି ତାଙ୍କ ବକ୍ତବ୍ୟରେ ଜଣେ ୧୮ବର୍ଷରୁ କମ ବାଳିକା କିମ୍ବା ୨୧ ବର୍ଷର କମ୍ ବାଳକର ଶାରିରୀକ ଅଭିବୃଦ୍ଧି ଘଟିଥିଲେ ମଧ ମାନସିକ ସ୍ତରରେ ସେମାନେ ନିଜକୁ ଏକ ପରିବାର ଭାବେ ଗଢିବା ପାଇଁ ସକ୍ଷମ ହୋଇ ନ ଥାଆନ୍ତ ବୋଲି ମତ ପୋଷଣ କରିଥିବା ବେଳେ ସାମ୍ବାଦିକ ଶ୍ରୀଯୁକ୍ତ ମିଶ୍ର ଏହି ଆଇନରେ ପରିବର୍ତ୍ତନ ହେବା ଜରୁରୀ ବୋଲି କହିଥିଲେ। ଯେତେବେଳେ ଆଇନ ପ୍ରଣୟନ ହୋଇଥିଲା ସେତେବେଳର ପାରିପାର୍ଶ୍ୱିକ ପରିସ୍ଥିତି ପରିବେଶକୁ ନେଇ ବାଳକ ବାଳିକାଙ୍କ ପାଇଁ ବୟସ ଧାର୍ଯ୍ୟ ହୋଇଥିଲା। ଏବେ ତାହାର ପରିବର୍ତ୍ତନ ହୋଇଥିବା କାରଣରୁ ବାଳକ ବାଳିକାଙ୍କ ବୟସ ଧାର୍ଯ୍ୟ କରାଯିବା ନେଇ ଶ୍ରୀଯୁକ୍ତ ମିଶ୍ର ମତ ପୋଷଣ କରିଥିଲେ। ତେବେ ବାଲ୍ୟ ବିବାହ କ୍ଷେତ୍ରରେ ଭଦ୍ରକ ଜିଲ୍ଲା ଅନ୍ୟ ଜିଲ୍ଲାମାନଙ୍କ ତୁଳନାରେ ଯଥେଷ୍ଟ ଭଲ ସ୍ଥିତିରେ ରହିଛି। ଅନ୍ୟ ଜିଲ୍ଲାମାନଙ୍କ ଠାରୁ ଭଦ୍ରକ ଜିଲ୍ଲା ବାଲ୍ୟ ବିବାହ ପରିସଂଖ୍ୟାନରେ ବହୁ ତଳେ ରହିଛି ବୋଲି ଶ୍ରୀଯୁକ୍ତ ମହାନ୍ତି କହିଥିଲେ। ଏହି ଅବସରରେ ସ୍ୱଧାର ଗୃହର ଅନ୍ତେବାସୀ ଛୋଟଛୋଟ ପିଲାମାନେ ବାଲ୍ୟ ବିବାହ କରିବା ଏକ ଅପରାଧ ଦର୍ଶାଇ ଏକ ନାଟିକା ପରିବେଷଣ କରିଥିଲେ। ଶେଷରେ ସଭାପତି ଶ୍ରୀମତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିଶୁ ଯତ୍ନ କେନ୍ଦ୍ର ଓ ସ୍ୱଧାର ଗୃହ ଅଧକ୍ଷା ଯୋଗମାୟା ଚାନ୍ଦ ପରିଚାଳନା କରିଥିଲେ।

## ରାୟଗଡ଼ା ଜିଲ୍ଲାରେ ସାଢ଼େ ୫ କୋଟି ଟଙ୍କାର ୪୧୬ ଏକର ଗଞ୍ଜେଇ ଗଛ ନଷ୍ଟ କରାଗଲା



ଗୁଣୁପୁର ,୧।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ପଦ୍ମପୁର, ଗୁଡ଼ାରୀ ଓ ଚନ୍ଦ୍ରପୁର ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଗଛକୁ ନଷ୍ଟ କରଯାଇଛି। ଚଳିତ ସପ୍ତାହ ମଧ୍ୟରେ ଜିଲ୍ଲାପାଳ ଶ୍ରୀ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ଓ ପୋଲିସ ବିଭାଗର ମିଳିତ ଉଦ୍ୟମରେ ଜିଲ୍ଲାର ଏହି ଉପାନ୍ତ ଅଞ୍ଚଳରେ ଚାଷ କରାଯାଇଥିବା ଗଞ୍ଜେଇ ଗଛକୁ ନଷ୍ଟ କରିବାରେ ପ୍ରଶାସନ ସଫଳ ହୋଇପାରିଛି । ଗତ ୨୩ ତାରିଖରୁ ୨୯ ତାରିଖ ମଧ୍ୟରେ ୪୧୬ ଏକର ଗଞ୍ଜେଇ ଗଛ ଯାହାର ମୂଲ୍ୟ ସାଢ଼େ ୫ କୋଟି ରୁ ଅଧିକ ହେବ ବୋଲି ରାୟଗଡ଼ା ଏସ ପି ଶ୍ରବଣ ବିବେକ ଏମ ପ୍ରକାଶ କରିଛନ୍ତି। ଏଥି ମଧ୍ୟରେ ୧୨ ଗୋଟି କେଶ୍ ଦାୟର ହୋଇଛି ଏବଂ ଜଣେ ବ୍ୟକ୍ତି ଗିରଫ ହୋଇଥିବ ଓ ତଦନ୍ତ ଚାଲୁ ରହିଥିବା ସୁଚନା ଦେଇଛନ୍ତି ।

# ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ବୈଠକରେ ଶ୍ରୀ ଗୀତଗୋବିନ୍ଦ ପୁସ୍ତକ ଉନ୍ମୋଚିତ



ଭଦ୍ରକ,୧।୧୨ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ବିଜୟ ବେହେରାଙ୍କ ଦ୍ୱାରା ପ୍ରଦତ୍ତ ପ୍ରଚାର ସମିତିର ଅସ୍ଥାୟୀ କାର୍ଯ୍ୟାଳୟରେ ପ୍ରଚାର ସମିତିର ମୁଖ୍ୟ ପରିଚାଳକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟାଳୟରେ ଶ୍ରୀଯୁକ୍ତ ବେହେରାଙ୍କ ଉଦ୍ୟମରେ ରାହାସ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀବାସୁଦେବଙ୍କ ଷୋଡଷ ଉପଚାର ପୂଜା ଓ ଶ୍ରୀମଦ୍ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଲେଖକ ବଳରାମ ମହାନ୍ତିଙ୍କ ଦ୍ୱାରା ସରଳ ଓଡ଼ିଆ ଭାବାର୍ଥ ସହ ଗୋସ୍ୱାମୀ ଜୟଦେବ କୃତ ଶ୍ରୀ ଶ୍ରୀଗୋବିନ୍ଦ ପୁସ୍ତକ ସମିତିର ମୁଖ୍ୟ ପରିଚାଳକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଶ୍ରୀଯୁକ୍ତ ମହାନ୍ତି ପୁସ୍ତକର ରଚନା ସମ୍ପର୍କରେ ମତ ରଖିଥିଲେ। ବୈଠକରେ ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ଦେ, ପଦ୍ମଲୋଚନ ମହାପାତ୍ର, ଲକ୍ଷ୍ମୀଧର ଖଟୁଆ, ପ୍ରଫୁଲ୍ଲ କୁମାର ପରିଡା, ବିଜୟ କୁମାର ବାରିକ, ସୁଧାକର ଧନୀ, କମଳାକାନ୍ତ ମଲ୍ଲିକ, ସୁଶ୍ରୀ ତପସ୍ୱିନୀ ପାଢୀ, ସରୋଜିନୀ ଦେବୀ, ହରିହର ଦାଶ, ବିକାଶ ଚନ୍ଦ୍ର ଶତପଥୀ, ସଦାନନ୍ଦ ପାଣିଗ୍ରାହୀ, ଉଦ୍ଧବ ଚରଣ ମିଶ୍ର, ସନେଇ ଶିଅଳ, ବିଷ୍ଣୁ ମୋହନ ପଣ୍ଡା ପ୍ରମୁଖ ସେବକ ସେବିକା ଯୋଗ ଦେଇଥିଲେ।

# ଆମ୍ବୁଲାନ୍ସ ଡ୍ରାଇଭର କମଳାକାନ୍ତଙ୍କ ମାନବିକତା ପ୍ରଶଂସନୀୟ



ଗୁଣୁପୁର ,୧।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ଅନ୍ତର୍ଗତ ରାମନାଗୁଡା ବ୍ଲକ ନିଲାମଗୁଡା ପଂଚାୟତ ଅନ୍ତର୍ଗତ ଡୁମ୍ବୁରିଗୁଡାରୁ ରବିବାର ରାତି ପ୍ରାୟ ସାଢେ ୭ ରୁ ୮ ମଧରେ ୧୦୨ ଆମ୍ବୁଲାନ୍ସ ଡ୍ରାଇଭର କମଳାକାନ୍ତ ପାଢ଼ୀଙ୍କୁ ଆସିଥିଲା ଏକ ଫୋନ କଲ, ତାହାଥିଲା ଜଣେ ଗର୍ଭବତୀ ମହିଳାଙ୍କ ପରିବାରର। ଖବର ପାଇବା ସଙ୍ଗେ ସଙ୍ଗେ ୧୦୨ ଆମ୍ବୁଲାନ୍ସ ନେଇ ଡ୍ରାଇଭର କମଳାକାନ୍ତ ପାଢ଼ୀ ସେହି ଗ୍ରାମକୁ ସେଠାକୁ ଯାଇ ଦେଖିଲେ ଗର୍ଭବତୀ ମହିଳାଙ୍କ ଘରକୁ ପକା ରାସ୍ତା ନାହିଁ। ବାଧ ହୋଇ ଘର ଠାରୁ କିଛି ଦୂରରେ ଅପେକ୍ଷା କରି ରହିଲେ ଆମ୍ବୁଲାନ୍ସ ଡ୍ରାଇଭର। ଗର୍ଭବତୀ ମହିଳାଙ୍କୁ ଆଣିବାରେ ବିଳମ୍ବ ହେବାରୁ ଜମି ମଧ ଦେଇ ଚାଲିଚାଲି ଯାଇ ଦେଖିଲେ ତ ଗର୍ଭବତୀ ମହିଳା କୁନି ଶବର(୨୨) ପ୍ରସବ ବେଦନାରେ ଛଟ ପଟ ହେଉଛନ୍ତି। ସଙ୍ଗେ ସଙ୍ଗେ ଏକ କାଠ ସାହାଯ୍ୟରେ ଭାର କରି ଗର୍ଭବତୀଙ୍କ ସ୍ୱାମୀ ଲକ୍ଷ୍ମୀ ନାରାୟଣ ଶବର ଏବଂ ୧୦୨ ଆମ୍ବୁଲାନ୍ସ ଡ୍ରାଇଭର ମହିଳାଙ୍କୁ ବୋହି ବାଟ ଚାଲିଲେ। ତେବେ ଭ୍ୟାନ ନିକଟକୁ ଆଣିବା ସମୟରେ ହିଁ ପ୍ରସୁତୀ ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରାମନାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଭର୍ତ୍ତି କରାଯାଇଥିଲା।୧୦୨ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଏଭଳି କାର୍ଯ୍ୟ ପାଇଁ ମୋ ସ୍ତ୍ରୀ ସହ ନବଜାତ ପୁତ୍ରର ଜୀବନ ରକ୍ଷା ପାଇଗଲା ବୋଲି କହିଛନ୍ତି ଗର୍ଭବତୀ ମହିଳା କୁନି ଶବରଙ୍କ ସ୍ୱାମୀ। ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଏଭଳି ମହତ ସେବା ପାଇଁ ସ୍ଥାନୀୟ ଜନସାଧାରଣ ସାଧୁବାଦ ଜଣାଇଛନ୍ତି।

## ଚାକିରି ଦେବା ନାଁରେ ଠକେଇ : ଠକକୁ କୋର୍ଟ ଚାଲାଣ

ନୂଆପଡା,୧।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ପୁଲିସ ଦ୍ୱାରା ଗତକାଲି ଗିରଫ ହୋଇଥିବା ଠକ ଲକ୍ଷ୍ମୀକାନ୍ତ ମେହେର ଓରଫ କାଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ସୂଚନମତେ ଜୁନାଗଡ ଥାନା ଅନ୍ତର୍ଗତ ଚିଚେଇଗୁଡା ଗ୍ରାମର ଲକ୍ଷ୍ମୀକାନ୍ତ ମେହେର ନୂଆପଡା ଜିଲାର ଯୁବକ ଯୁବତୀଙ୍କୁ ଚାକିରି ଦେବା ନାଁରେ ଠକେଇ କରୁଥିଲେ । ସେ ଖଡିଆଳ ସହର ସହ ଅନ୍ୟାନ୍ୟ ସହର ମାନଙ୍କରେ ଏଏନଏମ, ଡାଟା ଏଂଟ୍ରିଅପରେଟର, ସିକ୍ୟୁରିଟି ଗାର୍ଡ଼, ୱାର୍ଡ଼ ଏଟେନଡେଂଟ ସହ ଟିକେଟ କାଉଂଟରରେ ଚାକିରି ସକାଶେ ଆବେଦନ କରିବା ନେଇ ପୋଷ୍ଟର ମାଧ୍ୟମରେ ବିଜ୍ଞାପନ ଦେଉଥିଲେ । ଏହି ବିଜ୍ଞାପନ ପଢି ବେକାର ଯୁବକ ଯୁବତୀ ମାନେ ତାଙ୍କ ସହ ଯୋଗାଯୋଗ କରୁଥିଲେ । ଯୋଗାଯୋଗ ପରେ ବିଭିନ୍ନ ଉପାୟରେ ଠକେଇ କରି ସେମାନଙ୍କ ଠାରୁ ଟଙ୍କା ନେବା ସହ ନକଲି ପରିଚୟ ପତ୍ର ସହ ନିଯୁକ୍ତି ପତ୍ର ପ୍ରଦାନ କରୁଥିଲେ । ପୋଲିସ ଖଡିଆଳ ବ୍ଲକର ରାଣିମୁଣ୍ଡା ଗ୍ରାମର ଡିଙ୍ଗର ହାତୀଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ମେହେରଙ୍କୁ ଗିରଫ କରିଥିବା ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି ।

# ଜନନାୟକ ଗୌରଗୋପାଳ ଦାସଙ୍କ ୫ମ ଶ୍ରାଦ୍ଧବାର୍ଷିକୀ



ଜଳେଶ୍ୱର,୧।୧୨ (ନି.ପ୍ର): ଜଳେଶ୍ୱର ବ୍ଲକର ଜଣେ ଆଗଧାଡିର ନେତା ପୂର୍ବତନ ସରପଂଚ ତଥା ଜନ ନାୟକଭାବେ ପରିଚିତ ସ୍ୱର୍ଗତ ଗୌରଗୋପାଳ ଦାସଙ୍କ ୫ମ ଶ୍ରଦ୍ଧବାର୍ଷିକୀ ନିଜ ଗାଁ ରାୟାଁରାମଚନ୍ଦ୍ରପୁର ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସମାଜସେବୀ ପ୍ରବୀର ଦାସ ସଭାପତିତ୍ୱ କରିଥିବା ବେଳେ ସମାଜସେବୀ ଭୂମୀକନ୍ୟା ସୁବାସିନୀ ଜେନା ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ । କଂଗ୍ରେସ ବିରୋଧି ନେତାଭାବେ ଗୌରଗୋପାଳ ଦାସ ୧୯୮୦ ମସିହା ବେଳକୁ ନିଜକୁ ପ୍ରତିପାଦିତ କରିପାରିଥିଲେ । ଜଳେଶ୍ୱରର ସାମଗ୍ରୀକ ଭାବେ ଅନ୍ୟ ନେତୃମଣ୍ଡଳୀମାନଙ୍କ ସହିତ ବିଭିନ୍ନ ଜନହିତକର କାର୍ଯ୍ୟ କରିପାରିଥିଲେ । ବିଶେଷତଃ ଜଳେଶ୍ୱରର ରାୟାଁରାମଚନ୍ଦ୍ରପୁର ଏକ ବନ୍ୟାକ୍ଲିଷ୍ଟ ଅଂଚଳ ହୋଇଥିଲେ ମଧ୍ୟ ଜଳେଶ୍ୱର -ରାୟାଁରାମଚନ୍ଦ୍ରପୁର ରାସ୍ତାକୁ ବେସରକାରୀଭାବେ ନିର୍ମାଣ କରି ଚର୍ଚ୍ଚାରେ ରହିଥିଲେ। ଅତୀତରେ ସେ ରାଜ୍ୟ ନେତୃମଣ୍ଡଳୀ ସହ ସୁ-ସଂପର୍କ ରଖି ଜନତା ଦଳ ଓ ବିଜେଡିର ପ୍ରିୟପାତ୍ର ହୋଇପାରିଥିଲେ ବୋଲି ଶ୍ରୀମତୀ ଜେନା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଧୁସୂଦନ ସେନାପତି, ଆଇନ୍‌ଜିବି ନିତ୍ୟଗୋପାଳ ଦାସ, ମଧୁସୂଦନ ଦାସ, ଗୋବିନ୍ଦ ସାସୁ, ସପନ ଦାସ, ବିନୋଦ ଗିରି, ଦେବବ୍ରତ ନନ୍ଦ, ଗୌରବାବୁଙ୍କ ପତ୍ନୀ ସାବିତ୍ରୀ ଦାସ, ସାନଝିଅ ଅସୀମା ମହାନ୍ତି ଓ ଅନୁପ ମହାନ୍ତି ପ୍ରମୁଖ ତାଙ୍କ ଦୀର୍ଘଜୀବନର କାର୍ଯ୍ୟକଳାପ, ଲୋକ ସଂପର୍କ ଓ ସମାଜସେବା ସଂପର୍କରେ ଆଲୋଚନା କରିଥିଲେ।

# ଖଡିଆଳରେ ବରିଷ୍ଠ ନାଗରିକ ବୈଠକ

ନୂଆପଡା,୧।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ପବ୍ଲିକ ସ୍କୁଲ ପରିସର ମଧ୍ୟରେ ବରିଷ୍ଠ ନାଗରିକ ମଂଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବରିଷ୍ଠ ନାଗରିକ ତଥା ଶିକ୍ଷକ ଜିତେନ୍ଦ୍ର ନାଥ ପାଢୀ ସଭାପତିତ୍ୱ କରିଥିଲେ । ସଂଘର ସମ୍ପାଦକ ଡୋଳା ମୋହନ ସିଂବାବୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜରୁରି ଆଲୋଚନା ପରେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା । ଖଡିଆଳ ଉପଖଣ୍ଡ ଡାକ୍ତରଖାନାରେ ବରିଷ୍ଠ ନାଗରିକ ସକାଶେ ସପ୍ତାହିକ ଗୋଟିଏ ଦିନ ଡାକ୍ତରଙ୍କ ଦ୍ୱାରା ସ୍ୱତନ୍ତ୍ର ପରୀକ୍ଷା, ଡ୍ରେନେଜ ବ୍ୟବସ୍ଥା ତ୍ୱରାନ୍ୱିତ, ବରିଷ୍ଠ ନାଗରିକଙ୍କୁ ପରିଚୟ ପ୍ରଦାନ, ବ୍ୟାଙ୍କରେ ବରିଷ୍ଠ ନାଗରିକ ସକାଶେ ସ୍ୱତନ୍ତ୍ର ସୁବିଧା, ପ୍ରତ୍ୟେକ ଦୋକାନୀ ଗ୍ରାହକଙ୍କୁ ବିଲ ପ୍ରଦାନ ସକାଶେ ଜିଲ୍ଲାପାଳଙ୍କୁ ଅନୁରୋଧ, ସହରରେ ବୁଲି ରହୁଥିବା ଗାଈଗୋରୁଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା, ବିଭିନ୍ନ ୱାର୍ଡରେ ଖରାପ ଥିବା ରାସ୍ତା ମରାମତୀ ପ୍ରମୁଖ ବିଷୟରେ ଆଲୋଚନା ହୋଇ କାର୍ଯ୍ୟକାରୀ କରିବାକୁ ଦାବୀ ହୋଇଥିଲା ।

# ପରୀକୁ ନ୍ୟାୟ, ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର ଦାବିରେ ସୂଚନା ଅଧିକାର ଅଭିଯାନର ବିକ୍ଷୋଭ

ଭୁବନେଶ୍ୱର,୧।୧୨ (ନି.ପ୍ର): ନୟାଗଡର ଶିଶୁ କନ୍ୟା ପରୀ ହତ୍ୟା ଘଟଣାରେ ଅଭିଯୁକ୍ତକୁ ତୁରନ୍ତ ଗିରଫ , ଅଭିଯୁକ୍ତକୁ ଘଂଟ ଘୋଡାଉଥିବା ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଏବଂ ସ୍ଥାନୀୟ ସରପଂଚ ସୌମ୍ୟ ରଂଜନ ପ୍ରଧାନଙ୍କୁ ସୁରକ୍ଷା ଯୋଗାଇଦେବା ଦାବିରେ ଓଡିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସ୍ଥାନୀୟ ମାଷ୍ଟରକ୍ୟାଂଟିନ୍ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ କହିଛନ୍ତି ଯେ ପରୀ ମୃତ୍ୟୁ ଘଟଣାରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ରାଜ୍ୟ ସରକାର ବାଧ ହୋଇ ପରୀ ହତ୍ୟାକାଣ୍ଡର ଏସ୍.ଆଇ.ଟି. ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହି ଏସ୍.ଆଇ.ଟି ତଦନ୍ତ ଦ୍ୱାରା ପରୀ ପରିବାର କେତେଦୂର ନ୍ୟାୟ ପାଇବ, ତାହା ସନ୍ଦେହ ରହିଛି। ଅତୀତରେ ବିଭିନ୍ନ ଘଟଣା ଯଥା କୁନ୍ଦୁଲି ବଳାତ୍କାର ଓ ଆତ୍ମହତ୍ୟା, କନ୍ଧମାଳର ଗୁମୁଡୁମୁହାଁ ହତ୍ୟାକାଣ୍ଡ ଇତ୍ୟାଦିର ଏସ୍.ଆଇ.ଟି ତଦନ୍ତ କ୍ଷତିଗ୍ରସ୍ତ ପରିବାର ନ୍ୟାୟ ପାଇପାରି ନାହାଁନ୍ତି। ତେଣୁ ପରିବାର ଲୋକଙ୍କ ତରଫରୁ ପରୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବୀକୁ ଆମେ ସମର୍ଥନ କରୁଛୁ। ପରୀ ହତ୍ୟାକାଣ୍ଡର ପୋଲିସ୍ ତଦନ୍ତ ଆରମ୍ଭରୁ ଦିଗହରା ହୋଇଛି। ମନ୍ତ୍ରୀ ଅରୁଣ ସାହୁଙ୍କ ସମ୍ପୃକ୍ତି ଏବଂ ତଦନ୍ତକୁ ନିଷ୍କ୍ରିୟ କରିବବା ପାଇଁ ତାଙ୍କର ଗ୍ରୁପ ଯୋଗୁଁ ପୋଲିସ୍ ହାତବାନ୍ଧି ବସିଥିଲା। ତେଣୁ ମନ୍ତ୍ରୀ ଅରୁଣ ସାହୁଙ୍କୁ ତୁରନ୍ତ ବହିଷ୍କାର କରିବା ପାଇଁ ଦାବୀ କରୁଛୁ। ଏହାବ୍ୟତୀତ ସ୍ଥାନୀୟ ସରପଂଚ ତଥା ସମାଜସେବୀ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ମନ୍ତ୍ରୀ ଅରୁଣ ସାହୁଙ୍କ ଧମକ ପରେ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି।

# କାର୍ତ୍ତିକ ପୂର୍ଣ୍ଣମାରେ ରଙ୍ଗୋଲି ପ୍ରତିଯୋଗିତା



ବାଲେଶ୍ୱର,୧।୧୨ (ନି.ପ୍ର): ପ୍ରତିବର୍ଷ ଭଳି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା ସୋମବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ କୋଭିଡ କଟକଣାକୁ ଗୁରୁତ୍ୱ ଦେଇ ସୀମିତ ସଂଖ୍ୟକ ପ୍ରତିଯୋଗୀଙ୍କୁ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥବା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। କାର୍ତ୍ତିକ ମାସରେ ପ୍ରତ୍ୟେକ ଓଡିଆଙ୍କ ଘରେ ରଙ୍ଗୋଲି ବା ମୁରୁଜ ଅଙ୍କନ କରାଯାଉଥିବା ବେଳେ ଏହା ସେମାନଙ୍କୁ ବେଶ ଉତ୍ସାହିତ କରିଛି ବୋଲି ପ୍ରତିଯୋଗୀ ଯୁବତୀ ଓ ମହିଳାମାନେ ପ୍ରକାଶ କରିଛନ୍ତି। ନିଜର କଳା ନୈପୁଣ୍ୟତା ପ୍ରଦର୍ଶନରେ ଏହା ଏକ ପ୍ଲାଟଫର୍ମ ହୋଇପାରିଛି ବୋଲି ସେମାନେ ମତ ଦେଇଛନ୍ତି। ଓଡିଶାର ଐତିହ୍ୟ ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ଏହାକ ପ୍ରୟାସ ବୋଲି ପରିଷଦର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ କୃତିତ୍ୱ ପ୍ରଦର୍ଶନକାରୀ ପ୍ରତିଯୋଗୀଙ୍କୁ ଆସନ୍ତା ଜାନୁଆରୀ ୧୪ ତାରିଖରେ ବ୍ୟାସକବି ନଗର ବିକାଶ ପରିଷଦର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସେମାନେ କହିଛନ୍ତି। ଗୋରାଙ୍ଗ ପାଣିଗ୍ରାହୀ, ଡମ୍ବୁରୁଧର ପ୍ରଧାନ, ଜିତେନ୍ଦ୍ର ଉପାଧ୍ୟାୟ, ଭଗବାନ ମୋହିନୀ, ସରସ୍ୱତୀ ପଣ୍ଡା, ସରସ୍ୱତୀ ଜେନା, ରଞ୍ଜନ ଭୋଇ, ଶମ୍ଭୁ ସିଂ ପ୍ରମୁଖ ପରିଷଦର କର୍ମକର୍ତ୍ତାମାନେ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ମସ୍ତିଷ୍କ ରୋଗକୁ କମ୍ କରିବ ଅଲିଭ ଅଏଲ୍

ଅଲିଭ୍ ଅଏଲ୍ ନିଜର ସ୍ୱାସ୍ଥ୍ୟପ୍ରଦ ଗୁଣ ହେତୁ ଗତ କିଛି ବର୍ଷ ମଧ୍ୟରେ ସାରା ଦୁନିଆରେ ବେଶ୍ ଲୋକପ୍ରିୟ ହୋଇପାରିଛି । ଅବଶ୍ୟ ଏହି ତେଲ ଅନ୍ୟ ତେଲ ଅପେକ୍ଷା ଟିକେ ଦାମୀ । କିନ୍ତୁ ଶରୀର ଏବଂ ସ୍ୱାସ୍ଥ୍ୟ ପ୍ରତି ଏହାର ଫାଇଦାକୁ ନଜରରେ ରଖି ଲୋକମାନେ ଅଲିଭ ଅଏଲ୍ ବ୍ୟବହାରକୁ ଗୁରୁତ୍ୱ ଦେବାରେ ଲାଗିଛନ୍ତି । ଏଥିରେ ମୋନୋସାଚ୍ୟୁରେଟେଡ୍ ଫ୍ୟାଟ୍ ଏସିଡ୍ ରହିଛି, ଯାହାକୁ 'ଗୁଡ୍ ଫ୍ୟାଟ୍ସ' ମଧ୍ୟ କୁହାଯାଏ । ଏହି ଗୁଡ୍ ଫ୍ୟାଟ୍ସ ଶରୀରରେ କୋଲେଷ୍ଟ୍ରେରଲ୍‌ର ମାତ୍ରାକୁ କମ କରି ହୃଦୟକୁ ରୋଗ ମୁକ୍ତ ରଖିଥାଏ । ଏହା ବ୍ୟତୀତ ଅନ୍ୟ ଏକ ଗବେଷଣା ଅନୁସାରେ ଅଲିଭ୍ ଅଏଲ୍ ମସ୍ତିଷ୍କ ପାଇଁ ଖୁବ୍ ସହାୟକ ହୋଇଥାଏ । ଅଲିଭ ଅଏଲ୍ ଅନେକ ମସ୍ତିଷ୍କ ରୋଗ ଯଥା ଡିମେନ୍‌ସିଆ ଓ ଅଲଝାଇମର ଆଦି ରୋଗର ଆଶଙ୍କାକୁ କମ କରିଥାଏ । ମୂଷା ଉପରେ କରାଯାଇଥିବା ଗବେଷଣା ଅନୁସାରେ ଅତିରିକ୍ତ ଶୁଦ୍ଧ ଅଲିଭ ଅଏଲ୍ ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କରେ ଟାଉ ପ୍ରୋଟିନ୍ କମ ଜମା ହୋଇଥାଏ, ଯାହା ସେଣ୍ଟ୍ରାଲ ନର୍ଭସ ସିଷ୍ଟମର ନ୍ୟୁରାନ୍ସ (ତନ୍ତ୍ରିକା) ରେ ଜମା ହୋଇଯାଇଥାଏ । ଏହି ଗବେଷଣା ଆଧାରରେ ବୈଜ୍ଞାନିକମାନେ ନିଷ୍କର୍ଷ ବାହାର କରିଛନ୍ତି ଯେ ଯଦି କେହି ବ୍ୟକ୍ତି ନିଜ ଖାଦ୍ୟରେ ଅତିରିକ୍ତ ଶୁଦ୍ଧ ଅଲିଭ ଅଏଲ୍ ପ୍ରୟୋଗ କରିଥାନ୍ତି, ତେବେ ସେମାନଙ୍କୁ ଡିମେନ୍‌ସିଆ ସମେତ ବିଭିନ୍ନ ପ୍ରକାରର ମସ୍ତିଷ୍କ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା କମ ରହିଥାଏ ।



### କୋଷିକାରୁ ବିଷାକ୍ତ ପଦାର୍ଥକୁ ବାହାର କରେ:

ମେଡିକାଲ ନ୍ୟୁଜ୍ ଟୁଡେରେ ପ୍ରକାଶିତ ଖବର ଅନୁସାରେ ଅଲିଭ ଅଏଲ ପ୍ରୟୋଗ ଦ୍ୱାରା ମସ୍ତିଷ୍କର ଅଟୋଫାଜିର କ୍ଷମତା ବଢିଥାଏ । ଅଟୋଫାଜି ଏହା ଏମିତି ଏକ ପ୍ରକ୍ରିୟା, ଯାହା ଦ୍ୱାରା କୋଷିକା ଭିତରେ ଥିବା ବିଷାକ୍ତ ପଦାର୍ଥ ବାହାରକୁ ବାହାରି ଆସିଥାଏ । ତେଣୁ ଶୁଦ୍ଧ ଅଲିଭ ଅଏଲ ବ୍ୟବହାର କରୁଥିବା ଲୋକଙ୍କ ମସ୍ତିଷ୍କ ଅଧିକ ବୟସ ଯାଏ ସୁସ୍ଥ ରହିଥାଏ ।
ଏହି ଗବେଷଣା ଫିଲାଡୋଲଫାର ଟେମ୍ପଲ ୟୁନିଭର୍ସିଟି ମେଡିସିନ୍ ସ୍କୁଲର ପ୍ରଫେସର ଡାକ୍ତର ଟୋମେନିକୋ ପ୍ରାଟିକୋ କରିଥିଲେ । ଆଉ ଏହି ଗବେଷଣାର ରିପୋର୍ଟ ଏଜିଂ ସେଲ ନାମକ ଏକ ଜର୍ଣ୍ଣିଲରେ ପ୍ରକାଶିତ ମଧ୍ୟ କରାଯାଇଥିଲା ।



### କେମିତି ହୋଇଥିଲା ଗବେଷଣା:

ଏହି ଗବେଷଣା ପ୍ରଥମେ କିଛି ମୂଷାଙ୍କ ଉପରେ ସାମାନ୍ୟତମ ଜେନେଟିକାଲ ପରିବର୍ତ୍ତନ ଅଣାଯାଇ ପରୀକ୍ଷା କରାଯାଇଥିଲା । ସେହି ମୂଷାମାନଙ୍କ ମସ୍ତିଷ୍କରେ ଥିବା କୋଷିକାରେ ସାମାନ୍ୟଠାରୁ ଅଧିକ ଟାଉ ପ୍ରୋଟିନ ଜମା ହେଉଥିବାର ଦେଖିବାକୁ ମିଳିଥିଲା । ସେହି ମୂଷାଙ୍କୁ ଲଗାତାର ୬ମାସ ଯାଏ ଅଲିଭ ଅଏଲ୍ ଦିଆଯାଇଥିଲା । ପରେ ସେମାନଙ୍କୁ ପରୀକ୍ଷା କରି ଜଣାପଡିଲା ଯେ ଅଲିଭ ଅଏଲ ମୂଷାମାନଙ୍କ ମସ୍ତିଷ୍କରୁ ୬୦ ପ୍ରତିଶତ ଟାଉ ପ୍ରୋଟିନ କମ କରିଦେଇଛି । ଏହା ପରେ ୬ମାସର ମୂଷାମାନଙ୍କୁ ଏହି ଅଲିଭ ଅଏଲ ଦିଆଗଲା । ସର୍ଭେରେ କୁହାଯାଇଛି ଯେ ୬ମାସର ମୂଷା ଶରୀରରେ ଯେଉଁ ସ୍ଥିତି ହୋଇଥିଲ, ତାହା ମଣିଷ ଶରୀରରେ ୩୦ ବର୍ଷ ବୟସରେ ଦେଖିବାକୁ ମିଳିଥିଲା । ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତ ଯେ ଶୁଦ୍ଧ ଅଲିଭ ଅଏଲରେ ତିଆରି ଭୋଜନ ଖାଉଥିବା ମୂଷାମାନଙ୍କ ମସ୍ତିଷ୍କରେ ୬୦ ପ୍ରତିଶତ କମ ଟାଉ ପ୍ରୋଟିନ ଜମା ହୋଇଥିଲା । ଆଉ ସେହି ମୂଷାମାନଙ୍କ ବୁଦ୍ଧିର କ୍ଷମତା ଓ ଚିହ୍ନିବାର ଶକ୍ତି ଅନ୍ୟମାନଙ୍କ ତୁଳନାରେ ତୀବ୍ର ମଧ୍ୟ ରହିଥିଲା ।

# ବୟସ୍କଙ୍କୁ ସୁସ୍ଥ ରଖେ ଭିଟାମିନ୍-କେ

ପ୍ରାୟ ମସସ୍ତେ ଜାଣିଛନ୍ତି ବୟସ୍କମାନଙ୍କ ପାଇଁ ଭିଟାମିନ୍-କେ କ'ଣ ? କେଉଁଠାରୁ ମିଳେ ଜାଣିନ୍ତୁ ?
ଯଦି ଭିଟାମିନ୍ ବିଷୟରେ ଭାବୁଛନ୍ତି, ତେବେ ଜାଣିବା ଦରକାର ଯେ ଆପଣ ସୁସ୍ଥ ରହିବା ପାଇଁ ଶରୀରକୁ କେଉଁ ଭିଟାମିନ୍ କେତେ ମାତ୍ରାରେ ଆବଶ୍ୟକ ହୋଇଥାଏ । ସେମିତି ତ ଶରୀରକୁ ସୁସ୍ଥ ରଖିବା ପାଇଁ ସବୁ ବୟସରେ ଭିଟାମିନ୍‌ର ଆବଶ୍ୟକତା ରହିଛି । କିନ୍ତୁ 'ଭିଟାମିନ୍-କେ' ବୟସ୍କ ଲୋକମାନଙ୍କ ପାଇଁ ବହୁତ ଜରୁରୀ । ବୋଷ୍ଟନ୍‌ର ଟେଫ୍ଟେସ୍ ୟୁନିଭର୍ସିଟିରେ ' ଭିଟାମିନ୍-କେ ଲ୍ୟାବର ନିର୍ଦ୍ଦେଶକଙ୍କ ଅନୁସାରେ, ବୟସ୍କଙ୍କ ଠାରେ ବିଭିନ୍ନ ଭିଟାମିନର ଅଭାବ ଦେଖିବାକୁ ମିଳିଥାଏ । କିନ୍ତୁ ଏହି ବୟସରେ ଭିଟାମିନ୍ ସେମାନଙ୍କ ପାଇଁ ବହୁତ ଜରୁରୀ । ବିଶେଷ କରି 'ଭିଟାମିନ- କେ' ଅଭାବକୁ ପୂରଣ କରିବା ବହୁତ ଜରୁରୀ, ଯାହା ଶରୀରକୁ ସୁସ୍ଥ ରଖିବ ।






ଏହି ଗବେଷଣାରେ ନିର୍ଦ୍ଦେଶକ ସରହ ବୁଥ୍ ଓ ତାଙ୍କ ସହଯୋଗର ସାମିଲ ଥିଲେ । ଏଥିରେ ସାମିଲ କରାଯାଇଥିବା ବୟସ୍କ ମାନଙ୍କଠାରେ ରକ୍ତର ଅଭାବ ରହିଥିଲା । ତା' ସହିତ ମଧ୍ୟ ଭିଟାମିନ୍‌ର ଅଭାବର ରହିଥିଲା । ତେଣୁ ସେମାନେ ଶାରୀରିକ ଭାବେ ସକ୍ରିୟ ନଥିଲେ । କିନ୍ତୁ ଯେଉଁମାନଙ୍କଠାରେ ଆବଶ୍ୟକ ପରିମାଣର ରକ୍ତ ରହିଥିଲା, ସେମାନେ ଅନ୍ୟମାନଙ୍କ ପରି ନିଷ୍କ୍ରିୟ ନଥିଲା ।

### 'ଭିଟାମିନ୍-କେ' କ'ଣ ଦରକାର ?

ଭିଟାମିନ୍-କେ ଆମ ହାଡକୁ ମଜଭୁତ କରିଥାଏ । ଯଦି ଆପଣଙ୍କ ଶରୀରରେ 'ଭିଟାମିନ୍-କେ' ମାତ୍ରା କମ୍ ରହିଥାଏ, ତେବେ ଶରୀରରେ କ୍ଷତି ହେଲେ ରକ୍ତକ୍ଷରଣ କମି ନଥାଏ । 'ଭିଟାମିନ୍-କେ' ରକ୍ତ ଜମାଟ ବାନ୍ଧିବାରେ ସହାୟତା କରିଥିଏ । ଯଦି ଶରୀରରେ 'ଭିଟାମିନ୍-କେ ମାତ୍ରାଧିକ ଅଭାବ ଦେଖା ଦିଏ, ତେବେ ଶରୀରରେ ଭିତରେ ରକ୍ତସ୍ରାବ ପରି ସମସ୍ୟା ଉପୁଜିଥାଏ, ଯାହା ଖୁବ୍ କ୍ଷତିକାରକ । ଭିଟାମିନ୍-କେ ହାଡରେ କ୍ୟାଲସିୟମ ପହଞ୍ଚାଇବାରେ ସହାୟତା କରିଥାଏ । ଏହା ରକ୍ତସ୍ରାବକୁ ଅଟକାଇଥାଏ । ସେହିପରି ଶରୀରରେ ରକ୍ତ ସଞ୍ଚାଳନକୁ ମଧ୍ୟ ନିୟନ୍ତ୍ରିତ କରିଥାଏ । ଗର୍ଭବତୀଙ୍କ କ୍ଷେତ୍ରରେ 'ଭିଟାମିନ୍-କେ' ଭ୍ରୁଣର ବିକାଶ ପାଇଁ ଜରୁରି ।

### 'ଭିଟାମିନ୍-କେ' ର ସ୍ରୋତ:

'ଭିଟାମିନ୍-କେ'ର ମୁଖ୍ୟ ସ୍ରୋତ ହେଉଛି ସବୁଜ ପନିପରିବା । ସୋରିଷ ଶାଗ, ବନ୍ଧାକୋବି, ମୂଳା, ପାଳଙ୍ଗ ଶାଗ, ଗହମ, ଫଳ ଓ ବିଟ୍ ପତ୍ରରେ ଭରି ରହିଛି 'ଭିଟାମିନ୍-କେ' ।

## ସ୍ୱାସ୍ଥ୍ୟ ମନ୍ତ୍ର

ଶିଶୁକୁ କ୍ଷୀର ପିଆଇ ସାରି ପେଟ ଭରି ପାଣି ପିଆନ୍ତୁ । ଏହା ଦ୍ୱାରା ପାଟିରେ ରହିଥିବା କ୍ଷୀର ପେଟକୁ ଚାଲିଯାଏ ଓ ଭଲ ହଜମ ହୁଏ । କ୍ଷୀର ପିଆଇ ସାରି ପରିଷ୍କାର କପଡା ବା ଗଜକପଡା ଗରମ ପାଣିରେ ଭିଜାଇ ଶିଶୁର ମାଢି ଓ ମୁହଁର ଭିତର ଅଂଶକୁ ଭଲ ଭାବେ ପୋଛିଦିଅନ୍ତୁ । ଦିନକୁ ଦୁଇଥର ଏମିତି କଲେ ପାଟି ପରିଷ୍କାର ରହେ । ପାଟି ଭିତର ଘା' ହେଲେ ମହୁ ଲଗାନ୍ତୁ, ଶିଖିଯିବା ୬ରୁ ୨୪ମାସ ମଧ୍ୟରେ ଶିଶୁର ଦୁଧ ଅଭାବରୁ ମାଢିରେ କେତେକ ରୋଗ ହୁଏ । ଆଗ ମାଢି ଅଧିକ କ୍ଷତି ହୁଏ । ଏହା ଫୁଲେ କିମ୍ବା ଯନ୍ତ୍ରଣା ହୁଏ । ଏହି ସମୟରେ ଜ୍ୱର , ପତଳା ଝାଡା , ଅକାରଣ କାନ୍ଦିବା ସମସ୍ୟା ହୁଏ । ପାଞ୍ଚ ବର୍ଷ ବୟସ ପରେ ଶିଶୁମାନଙ୍କ ଦାନ୍ତ ସଂକ୍ରମଣ ହୁଏ ଏବଂ ପୋକ ଲାଗେ । ଏହି ସମୟରେ ବେଳେବେଳେ ଶିଶୁଙ୍କ ମୁହଁରେ ଫୋଟକା ବାହାରେ, ଜ୍ୱର ହୁଏ, ଖାଇବାରେ ଅରୁଚି ହୁଏ । ଏଥିପାଇଁ ଗୁଣି-ଗାରେଡି କିଂବା ତୁଟୁକା ଚିକିତ୍ସା ଉପରେ ଭରସା ନ କରି ଶିଶୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ଶିଶୁର ଜୀବନ ପାଇଁ ଏହା ଅଧିକ ନିରାପଦ ।

# କମ୍ ବଜେଟ୍‌ରେ ଭ୍ରମଣ

**ଆଜିର ସମୟ ଅଧିକାଂଶ ଭ୍ରମଣକାରୀ ସଂସ୍ଥା ବିଭିନ୍ନ ବଜେଟ୍‌ରେ ଗ୍ରାହକଙ୍କୁ ଦେଶବିଦେଶରେ ଭ୍ରମଣ କରାଇବାର ସୁଯୋଗ ଦେଉଛି । ମଧ୍ୟବିତ୍ତ ଓ ଧନିକ ବର୍ଗର ଲୋକ ନିୟମିତ ଭାବେ ବିଦେଶର ରାଇଜ ଭ୍ରମଣ କରୁଥିବାର ଦେଖାଯାଉଛି । କେବଳ ଯେ ବିଦେଶରେ ସୁନ୍ଦର ସହର ଓ ଭ୍ରାମ୍ୟମାଣ ସ୍ଥାନ ଅଛି, ତା'ନୁହେଁ, ବରଂ ଆମ ଭାରତରେ ମଧ୍ୟ ପ୍ରକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସଂଖ୍ୟାଧିକ ସ୍ଥାନମାନନ ରହିଛି ।**

◆ ଯେପରି ହିମାଚଳ ପ୍ରଦେଶର ଛୋଟ ହିଲ୍ ଷ୍ଟେସନ୍ ମଣ୍ଡିକୁ ଭାରତର ସ୍କଟଲାଣ୍ଡ ଭାବେ ଜଣାଯାଏ । ଇଂରେଜ ଶାସନ ସମୟରେ ଏହି ସ୍ଥାନରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢିଥିଲା । ତତ୍କାଳୀନ ଭାଇସରଏ ହିଁ ମଣ୍ଡି ଭ୍ରମଣ ସମୟରେ ଏହାର ସୌନ୍ଦର୍ଯ୍ୟକୁ ସ୍କଟଲାଣ୍ଡ ସହ ତୁଳନା କରିଥିଲେ । ଆଜିର ସମୟରେ ଏଠାରେ ସୁଲଭ ମୂଲ୍ୟରେ ଶସ୍ତା ଠାରୁ ମହରଗ ହୋଟେଲମାନ ମିଳିଯାଉଛି । ଆମ ଦେଶର ଲୋକ ବିଦେଶକୁ ଛୁଟି କାଟିବା ପାଇଁ ଯାଉଥିବା ବେଳେ ଅଧିକାଂଶ ଇଉରୋପୀୟ ପର୍ଯ୍ୟଟକ ମଣ୍ଡିକୁ ଛୁଟି କାଟିବା ପାଇଁ ଆସିଥାନ୍ତି ।



◆ ଆମ ଦେଶର ଖୁବ୍ କମ୍ ଲୋକ ଯାଣିଥିବେ ଯେ, ସିକ୍କିମ୍‌ସ୍ଥିତ ଗୁରୁଡୋଙ୍ଗମର୍ ହ୍ରଦ ବିଶ୍ୱସ୍ତରରେ ଲୋକପ୍ରିୟ । ସମୁଦ୍ର ପତ୍ତନଠାରୁ ୧୭ ହଜାର ଫୁଟ୍ ଉପରେ ଥିବା ଏଇ ହ୍ରଦର ସୌନ୍ଦର୍ଯ୍ୟ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି । କିଛି ମାସ ତଳେ କାନାଡାରୁ ୧୨ଜଣିଆ ଗବେଷକଦଳ ଭ୍ରମଣ ପାଇଁ ଏଠାକୁ ଆସିଥିଲେ । ସେମାନଙ୍କ ମତରେ, ଆଇସଲ୍ୟାଣ୍ଡ ଯିବା ପରିବର୍ତ୍ତେ କମ୍ ବଜେଟ୍‌ରେ ଏଇ ସ୍ଥାନରେ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଉଚିତ ।



◆ ଲଦାଖ, ଏହା ଅନ୍ୟତମ ସ୍ଥାନ ଯେଉଁଠାରେ ବିଦେଶୀ ପର୍ଯ୍ୟଟକଙ୍କ ଭିଡ ଖୁବ୍ ଜମିଥାଏ । ବାଇକିଂ କରିବାକୁ ଚାହୁଁଥିଲେ କିମ୍ବା ପାହାଡ ଉପରେ କ୍ୟାମ୍ପିଂ କରିବାକୁ ଚାହୁଁଥିଲେ, ଅତିବେଶୀରେ ୬ ହଜାର- ୧୨ ହଜାର ଟଙ୍କା ମଧ୍ୟରେ ଖର୍ଚ୍ଚ ହୋଇଥାଏ ବୋଲି ଭ୍ରମଣକାରୀ ସଂସ୍ଥାଙ୍କ ମତ ।

# ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ

କେତେକ ବିଶ୍ୱବିଦ୍ୟାଳୟରେ ପିଜି ସ୍ତରରେ ମୁଖ୍ୟ ରୂପରେ ମ୍ୟୁଜିଓଲୋଜିକୋର୍ସ ଅଫର କରାଯାଉଛି । ସେମାନଙ୍କ ମଧ୍ୟରେ ଏମ୍‌ଏସ୍ ୟୁନିଭର୍ସିଟି ଅଫ୍ ବରୋଦା, ବନାରସ ହିନ୍ଦୁ ୟୁନିଭର୍ସିଟି (ବିଏଚ୍‌ୟୁ), ୟୁନିଭର୍ସିଟି ଅଫ୍ କୋଲକାତା, ନ୍ୟାସନାଲ ମ୍ୟୁଜିୟମ ଇନ୍‌ଷ୍ଟିଚ୍ୟୁଟ୍, ଆଲଗଡ ମୁସ୍‌ଲିମ ୟୁନିଭର୍ସିଟି, ରବିନ୍ଦ୍ର ଭାରତୀ ୟୁନିଭର୍ସିଟି (ସେଲ୍‌ଫ ଫାଇନାନ୍ସ), ଦିଲ୍ଲୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେରିଟେଜ ରିସର୍ଚ୍ଚ ଆଣ୍ଡ ମ୍ୟାନେଜମେଣ୍ଟ ସାମିଲ ରହିଛି । ଏହାବ୍ୟତୀତ କେତେକ ୟୁନିଭର୍ସିଟିରେ ସେଣ୍ଟର୍ସ ଅଫ୍ ମ୍ୟୁଜିଓଲୋଜି ବିଭାଗ ରହିଛି । ଯେପରିକି କଶ୍ମ ୟୁନିଭର୍ସିଟି (ସିବିସିଏସ୍ ଅଧିନରେ ମ୍ୟୁଜିଓଲୋଜିର ଅପଶନାଲ ପେପର), ରାଜସ୍ଥାନ ୟୁନିଭର୍ସିଟି, ଆସାମ ୟୁନିଭର୍ସିଟି (ସିଲଚର୍ କ୍ୟାମ୍ପସ) ଆଦି ରହିଛି ।



### ନିଯୁକ୍ତି ସମ୍ଭାବନା

କୋର୍ସ ଶେଷ ହେବା ରାଷ୍ଟ୍ରୀୟ ସଂଗ୍ରହାଳୟ, ଆର୍କିଓଲୋଜିକାଲ ସଂଗ୍ରହାଳୟ, ଆର୍ଟ ଗ୍ୟାଲେରୀ ଆଦିରେ ନିଯୁକ୍ତି ମିଳିଯିବ । ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର କ୍ୟୁରେଟର, ଡେପୁଟି କ୍ୟୁରେଟର, ରିସର୍ଚ୍ଚ ଆସୋସିଏଟ, ମ୍ୟାନେଜର ଆଦି ରୂପରେ ନିଯୁକ୍ତି ପାଇପାରିବେ ।
ଏହାବ୍ୟତୀତ ଘରୋଇ କ୍ଷେତ୍ରରେ ମଧ୍ୟ ଅନେକ ରୋଜଗାର ସୁଯୋଗ ରହିଛି ।



### ବେତନ

ମ୍ୟୁଜିଓଲୋଜିର ଡିଗ୍ରୀଧାରୀଙ୍କ ଦରମା ୨୫ ହଜାରରୁ ଆରମ୍ଭ କରି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଯାଇପାରେ । ଅଭିଜ୍ଞତା ଭିତ୍ତିରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ମିଳିପାରେ ।





# ନବଜାତ ଶିଶୁଙ୍କ ସମ୍ପର୍କିତ ରୋଚକ ତଥ୍ୟ

**ମାତୃତ୍ୱ ଲାଭ କରିବା ଈଶ୍ୱରଙ୍କ ବରଦାନ । ସନ୍ତାନକୁ ଗର୍ଭରେ ଧାରଣ କରିବା ପରଠାରୁ ମା'ଟିଏ ବିଭିନ୍ନ ପର୍ଯ୍ୟାୟ ଦେଇ ଅତିକ୍ରମ କରେ । ଗର୍ଭବତୀ ମହିଳାଙ୍କ ଏହି ୯ମାସ ଯାତ୍ରାକୁ ନେଇ ସିଟେଲସର ଗବେଷକଗଣ ପରୀକ୍ଷା କରି ବିଭିନ୍ନ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି ।**

◆ ମା' ଗର୍ଭରେ ୨୩ତମ ସପ୍ତାହ ଅତିକ୍ରମ କରିବା ପରେ ଶିଶୁଟି ବାହାରର ସମସ୍ତ ଧ୍ୱନିକୁ ଶୁଣିପାରିଥାଏ । ଏହି ସମୟ ପରଠାରୁ ବିଭିନ୍ନ ପ୍ରକାର ଶବ୍ଦ, କଥାବାର୍ତ୍ତା ଶୁଣି ଗର୍ଭସ୍ଥ ଶିଶୁ ମା' ପେଟରେ ହିଁ ପ୍ରତିକ୍ରିୟା ଦେଖାଏ । ମା' ମାନେ ଅନୁଭବ କରିପାରନ୍ତି ପିଲାଟି କେଉଁ ସମୟରେ ଘୁରୁଛି, କେଉଁ ପାଖକୁ ରହିଛି । କେତୋଟି ନିର୍ଦ୍ଦିଷ୍ଟ ପରିସ୍ଥିତିରେ ହିଁ ଏସବୁ ହୋଇଥାଏ ।

◆ ପ୍ରତ୍ୟେକ ଶିଶୁ ଜନ୍ମ ସମୟରୁ ହିଁ ସନ୍ତରଣ କ୍ଷମତା ରଖିଥାନ୍ତି । ମା' ପେଟରେ ଶିଶୁ ସେହିଭଳି ଭାବରେ ରହିଥିବାରୁ ବିଶେଷଜ୍ଞଙ୍କ ମତ । କେବଳ ଆମେରିକାରେ ଏହି କଥାଟି ଗ୍ରହଣୀୟ ହେବା ପରେ ସଂଖ୍ୟାଧିକ ମା'ମାନେ ଶିଶୁ ଜନ୍ମର କିଛି ଘଣ୍ଟା ପରେ ହିଁ ସନ୍ତରଣ ଅଭ୍ୟାସ ଆରମ୍ଭ କରାଇଥାନ୍ତି ।

◆ ପ୍ରତି ୩ଜଣରେ ଜଣେ ଶିଶୁ ବାର୍ଥ-ମାର୍କ ସହ ଭୂମିଷ୍ଠ ହେଉଥିବାର ଜଣାପଡିଛି ।

◆ ନବଜାତ ଶିଶୁ ଜନ୍ମର କିଛିଦିନ ପର୍ଯ୍ୟନ୍ତ ନିଜ ମୁହଁ ପାଖରୁ ୨୦ ରୁ ୩୦ ସେଣ୍ଟିମିଟର ଦୂରତା ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ସବୁକିଛି ଦେଖିପାରନ୍ତି ।

◆ ନବଜାତ ଶିଶୁର ପାକସ୍ଥଳୀ ଛୋଟ ପେସ୍ତା ବାଦାମ ଆକୃତିର ବିଶେଷଜ୍ଞ ପ୍ରକାଶ କରିଛନ୍ତି ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨ ଡିସେମ୍ବର ୨୦୨୦, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଠକେଇ...

କେନ୍ଦ୍ର ସରକାର ଗତ ୬ ବର୍ଷ ହେଲା ଦେଶରେ ବିଭିନ୍ନ ପ୍ରକାରର ଆର୍ଥିକ ସଂସ୍କାର ଆଣି ଦେଶର ଅର୍ଥବ୍ୟବସ୍ଥାକୁ ୫ ଟ୍ରିଲିୟନ ଅର୍ଥବ୍ୟବସ୍ଥାରେ ପରିଣତ କରିବାପାଇଁ ଉଦ୍ୟମ କରୁଛନ୍ତି। ଗୋଟିଏ ଦେଶ ଗୋଟିଏ କର ବ୍ୟବସ୍ଥା ପ୍ରଚଳନ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ମଧ୍ୟ ନେଇଛନ୍ତି। ଲୋକମାନଙ୍କଠାରୁ କର ଆଦାୟ କ୍ଷେତ୍ରରେ ଦ୍ରବ୍ୟ ଏବଂ ସେବା କରକୁ ବ୍ୟବସ୍ଥିତ କରାଯାଇଛି। କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ ବିଭାଗ ବର୍ତ୍ତମାନ ଦ୍ରବ୍ୟ ଏବଂ ସେବାକର ଆଦାୟ କରୁଛି। ଦ୍ରବ୍ୟ ଏବଂ ସେବା କର ବ୍ୟବସ୍ଥା ପ୍ରଚଳନର କିଛିଦିନ ମଧ୍ୟରେ ଲୋକମାନେ ଏଥିରେ ଠକେଇ କରିବା ଶିଖିଗଲେ। ଜିଏସଟି ଠକେଇରେ ବର୍ତ୍ତମାନ ଓଡ଼ିଶାରେ ରାଉରକେଲା ସବୁଠୁ ଆଗରେ ରହିଛି। କିଛିମାସ ହେଲା ଲକ୍ଷ୍ୟ କରାଗଲାଣି ଶିଳ୍ପ ସହର ରାଉରକେଲାରେ ଜିଏସଟି ଠକେଇ କ୍ଷେତ୍ରରେ ନୂଆ ନୂଆ ଉଦ୍ଭାବନମାନେ କେହି କେହି କରିସାରିଲେଣି। ତେର କେବଳ ରାଉରକେଲାରେ ନାହିଁ, ତେର ଅନେକ ଜିଲ୍ଲାକୁ ମଧ୍ୟ ବ୍ୟାପିଗଲାଣି। କିଛିଦିନ ତଳେ ଜଣେ ଆୟକର ଠକେଇ ଅଭିଯୋଗରେ ଗୋଟିଏ ଜିଲ୍ଲାରେ ମାଆପୁଅ ଧରାପଡ଼ିଥିଲେ। ବିଶେଷଭାବେ ଦେଖାଯାଉଛି ଯେ ଶ୍ରମିକ ଏବଂ ଗରିବ ଶ୍ରେଣୀର ଲୋକମାନଙ୍କ ଠାରୁ ଆଧାର କାର୍ଡ଼ ଆଦି ବ୍ୟବସାୟୀମାନେ ମାଗିନେଇ ସେମାନଙ୍କ ପାଇଁ ଚାକିରି କରାଇଦେବା ବ୍ୟାଙ୍କ ଋଣ କରାଇଦେବା ଆଦି ପ୍ରତିଶ୍ରୁତି ଦେଉଛନ୍ତି। ପରବର୍ତ୍ତୀ ସମୟରେ ସେମାନଙ୍କ ଆଧାରକାର୍ଡ଼ ଏବଂ ଫଟୋ ପରିଚୟ ପତ୍ର ଆଦିକୁ ଜିଏସଟି ନମ୍ବର ବାହାର କରିବା କ୍ଷେତ୍ରରେ ବ୍ୟବହାର କରି କୋଟି କୋଟି ଟଙ୍କା ବ୍ୟବସାୟ କରୁଛନ୍ତି। ନକଲି ଠିକଣା ଦେଇ ବ୍ୟବସାୟ କରୁଥିବାରୁ ଏହି ସଂସ୍ଥାଗୁଡ଼ିକୁ ଧରିବା ମଧ୍ୟ ସହଜ ହେଉନାହିଁ। ବ୍ୟାଙ୍କ ଆକାଉଂଟ ଖୋଲତାଡ଼ କରି ଲୋକମାନଙ୍କୁ ଧରିଲା ବେଳକୁ ସେମାନେ ଦିନ ମଜୁରିଆ କିମ୍ବା ଶ୍ରମଜୀବୀ ଶ୍ରେଣୀର ବୋଲି ଜଣାପଡୁଛି। ବ୍ୟାଙ୍କ ଆକାଉଂଟ ଖୋଲିବା କ୍ଷେତ୍ରରେ ଆଧାର ଏବଂ ଭୋଟ ପରିଚୟ ପତ୍ର ବ୍ୟବହାର ହେଉଥିବାରୁ ନିରୀହ ଲୋକମାନେ ଶେଷରେ ଧରା ପଡୁଛନ୍ତି ଏବଂ ସେମାନଙ୍କ ନିକଟକୁ ଜିଏସଟି ଭରଣା ସମ୍ପର୍କିତ ନୋଟିସମାନ ଆସୁଛି। ରାଉରକେଲା ଏକ ଶିଳ୍ପ ସହର ହୋଇଥିବାରୁ ଏଠାରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଉପରେ ପ୍ରତ୍ୟକ୍ଷ ଯାଂଚ କରାଯାଇ ତାକୁ ଜିଏସଟି ନମ୍ବର ଦେବା ସମ୍ଭବ ହେଉନାହିଁ। ଗୋଟିଏ ଘଟଣାରେ ଜଣେ ପାଇପ୍ ମିସ୍ତ୍ରୀଙ୍କୁ ରାଉରକେଲା ଇସ୍ପାତ କାରଖାନାର ଠିକା ଶ୍ରମିକ ଭାବେ ପଂଜିକରଣ କରାଇଦେବା ଏବଂ ମାସିକ ୧୨ ହଜାର ଟଙ୍କା ଦରମାର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ଆଧାରକାର୍ଡ଼ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରମାଣପତ୍ର ମାଗିନେଇଥିଲେ। ଦୀର୍ଘଦିନ ଧରି ଏହି ବ୍ୟକ୍ତିଙ୍କୁ ଠିକା କାମ ମିଳିନଥିଲା। ଅନ୍ୟ ପକ୍ଷରେ ତାଙ୍କ ନିକଟକୁ ଜିଏସଟି ଭରଣା ପାଇଁ ନୋଟିସ ଜାରି ହେବା ସହିତ ଜଣେ ବ୍ୟକ୍ତି ବ୍ୟବସାୟିକ ପଚରା ଉଚରା କରିବା ପାଇଁ ଆସି ପହଂଚିଥିଲେ। ସେତେବେଳକୁ ଏହି ପାଇପ୍ ମିସ୍ତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରମାଣପତ୍ର ଆଧାରରେ ଏକ କମ୍ପାନୀ ଖୋଲି ଜଣେ ବ୍ୟକ୍ତି ପ୍ରାୟ ୭୦କୋଟି ଟଙ୍କାର ଆର୍ଥିକ କାରବାର କରିସାରିଥିଲେ। ଏହି କମ୍ପାନୀର ଠିକଣା ମଧ୍ୟ ଜାଲ ଥିଲା। ତେଣୁ ଏଭଳି ଠକ କମ୍ପାନୀ ଖୋଲିଥିବା ଲୋକଙ୍କୁ ଧରିବା ସହଜ ନଥିବା ବେଳେ ଆଧାରକାର୍ଡ଼ ଏବଂ ଭୋଟର କାର୍ଡ଼ର ଠିକଣାକୁ ଭିତ୍ତିକରି ଧରାପଡୁଥିବା ଲୋକମାନେ ପ୍ରତାରଣାର ଶିକାର ହେଉଥିବା ଜଣାପଡୁଛି। ଏପର୍ଯ୍ୟନ୍ତ ଏହି ପରି ୧୮ଟି ଘଟଣା ରାଉରକେଲାରେ ଘଟିଥିବା ଜଣାପଡ଼ିଲାଣି। ଏହିସବୁ ଘଟଣାରେ କିଏ ଡ୍ରାଇଭର, କିଏ ଗୁପଚୁପ୍ ଦୋକାନୀ, କିଏ ଦିନ ମଜୁରିଆ ଓ ଶ୍ରମିକ ଆଦି ହୋଇଥିବାସ୍ଥଳେ ମୁଖ୍ୟ ଅପରାଧୀ ଲୁଚି ଯାଉଛନ୍ତି।

ବର୍ତ୍ତମାନ ଜିଏସଟିକକୁ ସର୍ବନିମ୍ନ ୧୮ ଶତାଂଶରେ ରଖାଯାଇଛି। ଠକ କମ୍ପାନୀମାନେ ବିପୁଳ ପରିମାଣର ଆର୍ଥିକ ଦେଣ ନେଣ କରି କୋଟି କୋଟି ଟଙ୍କାର ଜିଏସଟି ଠକେଇ କରିପାରିବା ଭଳି ଗଳାବାଟ ସବୁ ରହିଛି। ଏଭଳି ଠକେଇ ଗୁଡ଼ିକୁ ଧରିବା କ୍ଷେତ୍ରରେ ବ୍ୟାଙ୍କମାନଙ୍କର ମଧ୍ୟ ସହଯୋଗ ଆବଶ୍ୟକ।

## ଆଦିବାସୀମାନେ ହିନ୍ଦୁ ନୁହଁନ୍ତି !

ଗୋପାଳ ମହାପାତ୍ର



ଅନୁସୂଚିତ ଜନଜାତି ବା ଆଦିବାସୀମାନେ ହିନ୍ଦୁ ବୋଲି ସାଧାରଣରେ ଧାରଣା ରହିଛି। କିନ୍ତୁ ଏମାନେ ହିନ୍ଦୁ କି ନୁହଁନ୍ତି ତାକୁ ନେଇ ପ୍ରଶ୍ନ ଉଠିଲାଣି। ଆମ ଦେଶର ସମ୍ବିଧାନ ଓ ଆଇନ୍ କୁ ଆମେ ଯଦି ବିଶ୍ୱାସ କରିବା ବା ଗ୍ରହଣ କରିବା ତେବେ ଏମାନେ ହିନ୍ଦୁ ନୁହଁନ୍ତି। ସମ୍ବିଧାନର ଧାରା ୩୬୬ ର କ୍ଲଜ୍ ୨୫, ହିନ୍ଦୁ ବିବାହ ଆଇନ୍ ୧୯୫୫ର ଧାରା ୨ ଓ ଉପଧାରା ୨, ହିନ୍ଦୁ ମାଇନରଟି ଗାର୍ଡିଆନସିପ୍ ଆଇନ୍ ୧୯୫୬ର ଧାରା ୨ ଓ ଉପଧାରା ୨ ଏବଂ ହିନ୍ଦୁ ଉତ୍ତରାଧିକାରୀ ଆଇନ୍ ୧୯୫୬ର ଧାରା ୨ ଓ ଉପଧାରା ୨ ହିଁ ଏଇକଥା କହୁଛି। ୨୦୨୧ ରେ ହେବାକୁ ଥିବା ଜନଗଣନା କୁ ନେଇ ଏବେ ଏହି ପ୍ରସଙ୍ଗ ଉଠିଛି। କିଛି ଦିନ ତଳେ ଭୋପାଳଠାରେ ଏକ ସମାବେଶରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ କହିଥିଲେ ଯେ ଜନଗଣନାବେଳେ ଆଦିବାସୀମାନେ ସେମାନଙ୍କ ଧର୍ମ ଅନ୍ୟ କିଛି ନଲେଖି ହିନ୍ଦୁ ବୋଲି ଲେଖନ୍ତୁ। ସଂଘ ତାର ଏଜେଣ୍ଡାରେ ୨୦୨୧ର ଜନଗଣନାକୁ ରଖିଛି ଏବଂ ଏହାକୁ ଦୃଷ୍ଟିରେ ରଖି ମୋହନ ଭାଗବତ ଏକଥା କହିଛନ୍ତି। କଥା ହେଉଛି ଆଦିବାସୀ ସଂପ୍ରଦାୟର ଅଧିକାଂଶ ସେମାନଙ୍କୁ ହିନ୍ଦୁ ବୋଲି ମାନୁନାହାଁନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆଦିବାସୀମାନଙ୍କୁ କିନ୍ତୁ ହିନ୍ଦୁ ବୋଲି କହୁଛି। ମଧ୍ୟପ୍ରଦେଶର ଆଦିବାସୀମାନେ ସରନା ଧର୍ମର ବୋଲି ଉଲ୍ଲେଖ କରୁଛନ୍ତି। କେବଳ ମଧ୍ୟପ୍ରଦେଶରେ ନୁହେଁ ଦେଶରେ ଥିବା ଆଦିବାସୀମାନଙ୍କ ମଧ୍ୟରୁ ଅନେକ ହିନ୍ଦୁ ଅଥବା ବୌଦ୍ଧ ଧର୍ମକୁ ଗ୍ରହଣ କରୁଥିବାବେଳେ ଅନେକ ସେମାନଙ୍କର ପାରମ୍ପରିକ ଧର୍ମ ସରନାକୁ ହିଁ ଗ୍ରହଣ କରୁଛନ୍ତି। ୨୦୧୫ ମସିହା ନଭେମ୍ବର ମାସରେ ରାଞ୍ଚିଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଧିବେଶନରେ ସରନା ଧର୍ମ କୁ ଏକ ସ୍ୱତନ୍ତ୍ର ଧର୍ମ ଭାବେ ଗ୍ରହଣ କରାନଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେ ସମୟରେ ସଂଘର ତତ୍କାଳୀନ ସହ ସରକାର୍ଯ୍ୟବାହକ ଡ଼ଃ. କୃଷ୍ଣଗୋପାଳ ରାଞ୍ଚିଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସରନା ନାମରେ କୌଣସି ଧର୍ମ ନାହିଁ ବୋଲି କହିଥିଲେ। ସଂଘର ମତ ହେଉଛି ଜନଗଣନାବେଳେ ଯଦି ଆଦିବାସୀମାନେ ସେମାନଙ୍କ ଧର୍ମ ହିନ୍ଦୁ ବୋଲି ଉଲ୍ଲେଖ ନକରିବେ ତେବେ ହିନ୍ଦୁଙ୍କ ସଂଖ୍ୟା କମିଯିବ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୧୯୯୧ର ଜନଗଣନାବେଳେ ହିନ୍ଦୁଙ୍କ ସଂଖ୍ୟା ଦେଶର ସମୁଦାୟ ଜନସଂଖ୍ୟାର ୮୪ ପ୍ରତିଶତ ଥିବାବେଳେ ୨୦୧୧ର ଜନଗଣନାବେଳେ ଏହି ସଂଖ୍ୟା ୬୯ ପ୍ରତିଶତକୁ ଖସିଆସିଥିଲା। ଏବାବଦରେ ତର୍ଜମା କଲାବେଳେ ଜଣାପଡ଼ିଲା ଯେ ଆଦିବାସୀମାନେ ସେମାନଙ୍କ ଧର୍ମ ହିନ୍ଦୁ ବୋଲି ନଲେଖି ସରନା ଓ ଅନ୍ୟ ଧର୍ମର ବୋଲି ଉଲ୍ଲେଖ କରିଥିବାରୁ ଏଭଳି ଘଟିଛି।

ଜନଗଣନା ପ୍ରସଙ୍ଗରେ ଯଦି ଆଦିବାସୀମାନଙ୍କୁ ଦେଖାଯାଏ ତେବେ ଅନେକ କିଛି ଦୃଷ୍ଟିକୁ ଆସେ। ଭାରତବର୍ଷରେ ୧୮୭୧ ମସିହାରେ ଇଂରେଜଙ୍କ ରାଜୁତି କାଳରେ ପ୍ରଥମ ଜନଗଣନା କରାଯାଇଥିଲା। ୧୮୭୧ ଠାରୁ ୧୯୪୧ ପର୍ଯ୍ୟନ୍ତ ଅର୍ଥାତ୍ ଇଂରେଜ ଶାସନ କାଳରେ ଆଦିବାସୀମାନଙ୍କୁ ଅଲଗା ଧର୍ମର ବୋଲି କୁହାଯାଉଥିଲା। ଏହିଠାରୁ ଉତ୍ପତି ହୋଇଥିଲା ଟ୍ରାଇବ୍ସ ବା ଜନଜାତି ଶବ୍ଦ। ୧୮୯୧ ରେ ଭାରତବର୍ଷରେ ଏହି ଜନଜାତିଙ୍କ ସଂଖ୍ୟା ସେତେବେଳର ଜନସଂଖ୍ୟାର ୫ ପ୍ରତିଶତ ଥିଲା ବୋଲି ତଥ୍ୟ କହୁଛି। ୧୯୪୧ର ଜନଗଣନାବେଳକୁ ଏମାନଙ୍କ ସଂଖ୍ୟା ବଢ଼ିଯାଇ ୧୨ ପ୍ରତିଶତରେ ପହଞ୍ଚିଥିଲା। କିନ୍ତୁ ୧୯୫୧ର ଜନଗଣନା ଠାରୁ ଏଯାବତ୍ ଜନଜାତିଙ୍କ ଧର୍ମ ସଂପର୍କରେ ବା ସେ ଧର୍ମକୁ ମାନୁଥିବା ଲୋକଙ୍କ ସଂଖ୍ୟା ବାବଦରେ କିଛି ତଥ୍ୟ ନାହିଁ। କଥା ହେଉଛି ଭାରତବର୍ଷ ସ୍ୱାଧିନ ହେବାପରର ଜନଗଣନା ଠାରୁ ୨୦୧୧ର ଜନଗଣନା ପର୍ଯ୍ୟନ୍ତ ଜନଗଣନାବେଳେ ଆଦିବାସୀମାନଙ୍କୁ ଅନୁସୂଚିତ ଜନଜାତିର ମାନ୍ୟତାରେ ରଖାଯାଇ ଧର୍ମ ସ୍ଥାନରେ କିଛି ଲେଖାଯାଇନାହିଁ। କଥାରେ କଥାରେ ସେମାନଙ୍କୁ ହିନ୍ଦୁ ଖ୍ରୀଷ୍ଟିଆନ୍‌ରେ ବିଭକ୍ତ କରିଦିଆଯାଇଛି। ଯଦିଓ ଏମାନଙ୍କ ସଂଖ୍ୟା ୨୦୧୧ର ଜନଗଣନାବେଳକୁ ସମୁଦାୟ ଜନସଂଖ୍ୟାର ୮ପ୍ରତିଶତରୁ ଅଧିକ ଥିଲା। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଆଦିବାସୀମାନେ କେଉଁ ଧର୍ମର ଓ ଏମାନେ କେଉଁ ଧର୍ମକୁ ମାନୁଛନ୍ତି ? ଏକଥା ମଧ ପ୍ରଶ୍ନ ଉଠିପାରେ ଯେ କ'ଣ ଆଦିବାସୀମାନଙ୍କର ପରମ୍ପରା ହିନ୍ଦୁମାନଙ୍କ ପରମ୍ପରା ସହିତ ମେଳ ଖାଉଛି ? ଏକଥା ସେତେବେଳର ନୀତିନିର୍ମାତାମାନଙ୍କୁ ଜଣାଥିବ ବା ସେମାନେ ହିଁ କହିପାରିବେ ଯେ ଆଦିବାସୀମାନଙ୍କୁ ବିଭିନ୍ନ ଧର୍ମରେ ବାଣ୍ଟି ସେମାନଙ୍କ ମୂଳ ସ୍ୱରୂପକୁ ବିଲୁପ୍ତ କରିବାର ଉଦ୍ୟମ କେଉଁ ପରିସ୍ଥିତିରେ ଆଉ କ'ଣ ପାଇଁ କରାଯାଇଥିଲା। କିନ୍ତୁ ଜନଗଣନାର ତଥ୍ୟ ଏବେବି ଆଦିବାସୀମାନଙ୍କ ଧର୍ମ ପ୍ରସଙ୍ଗକୁ ନେଇ ଦ୍ୱିବିଧାରେ ରହିଛି। ପ୍ରଶ୍ନ ମଧ ଉଠିପାରେ ଯେ ଆଦିବାସୀମାନଙ୍କୁ ବିଭିନ୍ନ ଧର୍ମରେ ବାଣ୍ଟିବା ବା ସେମାନଙ୍କୁ ବିଭାଜିତ କରିବା କ'ଣ ରାଜନୀତିର ଅଂଶ ବିଶେଷ କି? ଏମିତି ଅନେକ ପ୍ରଶ୍ନ ଉଠିବା ମଧ ସ୍ୱଭାବିକ। ପୁରୁଣା ପରମ୍ପରା ଅନୁସାରେ ଚଳିଆସୁଥିବା ଏହି ଆଦିବାସୀମାନଙ୍କୁ ବିଭାଜିତ କରିବା ପଛରେ କ'ଣ ରହିଛି ଷଡ଼ଯନ୍ତ୍ର ? ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଆଦିବାସୀମାନେ କ'ଣ ହିନ୍ଦୁ ? ଅଥବା ହିନ୍ଦୁମାନଙ୍କ ସଂଖ୍ୟା ବୃଦ୍ଧି କରାଯିବା ପାଇଁ ଏବଂ ଭୋଟ ରାଜନୀତି ପାଇଁ ଆଦିବାସୀଙ୍କୁ ହିନ୍ଦୁ ବୋଲି ଗ୍ରହଣ କରାଯାଉଛି ?

୧୯୫୧ ମସିହାରେ କାନାଡାର ଗବେଷକ ଇ ଏ ମେକ୍ସବେଲ ଆଦିବାସୀମାନଙ୍କ ଉପରେ ଗବେଷଣା କରି ଲେଖିଥିଲେ ଯେ ଆଦିବାସୀମାନେ ହିନ୍ଦୁମାନଙ୍କ ଭଳି ମୂର୍ତ୍ତି ପୂଜା କରନ୍ତି ନାହିଁ କିମ୍ବା ହିନ୍ଦୁ ଦେବାଦେବୀଙ୍କ ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଯାଆନ୍ତି ନାହିଁ। ଏପରିକି ହିନ୍ଦୁ ଦେବଦେବୀଙ୍କ ଫଟୋ ମଧ ଏମାନେ ଏମାନଙ୍କ ଘରେ ରଖନ୍ତି ନାହିଁ। ମେକ୍ସବେଲଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁସାରେ ଆଦିବାସୀମାନେ ସେମାନଙ୍କ ପରମ୍ପରାକୁ କେବେ ଛାଡ଼ିନାହାଁନ୍ତି। ସେମାନଙ୍କ ପରମ୍ପରା ଅନୁସାରେ ପୂଜା ଓ ବିବାହ ଆଦି ଉତ୍ସବରେ ସେମାନେ ବ୍ରାହ୍ମଣଙ୍କୁ ମଧ ଡ଼ାକି ନଥାନ୍ତି ବରଂ ସେମାନଙ୍କ ଆଦିବାସୀ ସମାଜରେ ଥିବା ଗୁରୁ (ପୂଜକ) ଙ୍କୁ ଡ଼ାକି ସେମାନଙ୍କ ପୂଜା ଓ ବିବାହ ଆଦି କରାଇଥାନ୍ତି। ପ୍ରକୃତ କଥା ମଧ ଏଇଆ। ଆଦିବାସୀଙ୍କ ପରମ୍ପରା ଆମ ହିନ୍ଦୁ ପରମ୍ପରା ଠାରୁ ସଂପୂର୍ଣ୍ଣ ଭିନ୍ନ। ଆଦିବାସୀ ଲୋକମାନଙ୍କ ସମ୍ପର୍କରେ ଗବେଷଣା କରୁଥିବା ଗବେଷକମାନଙ୍କ ମତରେ ଆଦିବାସୀମାନଙ୍କର ଦେବତା ଓ ପୂଜାପ୍ରଣାଳୀ ମଧ ଭିନ୍ନ। ସେମାନେ ହିନ୍ଦୁ ଦେବାଦେବୀଙ୍କ ମନ୍ଦିର ପରିବର୍ତ୍ତେ ସେମାନେ ମାନୁଥିବା ଦେବାଦେବୀଙ୍କୁ ତାଙ୍କ ପରମ୍ପରା ଅନୁସାରେ ପୂଜା କରିଥାନ୍ତି। ସେମାନଙ୍କ ପୂଜକଙ୍କ ପରିଚୟ ମଧ ଭିନ୍ନ। ଆଦିବାସୀମାନଙ୍କର ପୂଜା ପାଇଁ ପୁସ୍ତକ (ପୋଥି) ମଧ ଭିନ୍ନ। ସେମାନେ ତାଙ୍କ ପୁସ୍ତକ (ପୋଥି) ଅନୁସାରେ ପୂଜାପାଠ ମଧ କରିଥାନ୍ତି। ଆମ ହିନ୍ଦୁମାନଙ୍କର ତୀର୍ଥସ୍ଥଳକୁ ସେମାନେ ସେମାନଙ୍କ ତୀର୍ଥସ୍ଥାନ ବୋଲି ମଧ ଗ୍ରହଣ କରିନଥାନ୍ତି। ସେମାନଙ୍କ ତୀର୍ଥସ୍ଥାନ ଡୁଗୁବୁରୁ ଘଣ୍ଟାବାରି (ଝାଡ଼ଖଣ୍ଡ)। ଏଭଳି ଏକ ସ୍ଥଳ ମଧ ପଶ୍ଚିମ ବଙ୍ଗରେ ରହିଛି। ଆଦିବାସୀମାନଙ୍କ ଦେବୀ ଦେବତାମାନଙ୍କ ମଧରେ ମାରାଙ୍ଗବୁରୁ ଏବଂ ମୋଡ଼େକୁ ତୁରୁଇକୁ ଅନ୍ୟତମ। ଅନ୍ୟପକ୍ଷରେ ହିନ୍ଦୁମାନଙ୍କର ଅନେକ ଦେବୀ ଦେବତା ଅଛନ୍ତି ଯାହାକୁ ହିନ୍ଦୁମାନେ ପୂଜାର୍ଚ୍ଚନା କରିଥାନ୍ତି। ଆଦିବାସୀ ସଂପ୍ରଦାୟର କେହି ମୃତ୍ୟୁବରଣ କଲେ ମୃତ ଶରୀରକୁ ପୋତିଦିଆଯାଇଥାଏ। କିନ୍ତୁ ହିନ୍ଦୁ ଧର୍ମର ମୃତ ବ୍ୟକ୍ତିଙ୍କ ଶବକୁ ପୋଡ଼ାଯିବାର ନିୟମ ରହିଛି। ଝାଡ଼ଖଣ୍ଡର ଓରାଙ୍ଗ ନାମକ ଏକ ସଂପ୍ରଦାୟ ରହିଛି। ଏହିମାନେ ଆଦିବାସୀ ସଂପ୍ରଦାୟର ଏକ ସଂଖ୍ୟାଧିକ ଗୋଷ୍ଠୀ ଓ ଏମାନଙ୍କର ପୂଜାସ୍ଥଳକୁ ସାରନା କୁହାଯାଇଥାଏ। ଏହି କାରଣରୁ ଝାଡ଼ଖଣ୍ଡର ଆଦିବାସୀମାନେ ସରନା ଧର୍ମକୁ ମାନିଥାନ୍ତି। ଦେଶର ବିଭିନ୍ନ ରାଜ୍ୟର ଆଦିବାସୀମାନେ ନିଜକୁ ଅଲଗା ଅଲଗା ଧର୍ମର ବୋଲି ମାନିଥାନ୍ତି। ଆମ ଓଡ଼ିଶାରେ ୬୨ ପ୍ରକାରର ଜନଜାତି ବାସବାସ କରୁଛନ୍ତି। ରାଜ୍ୟର ସମୁଦାୟ ଜନସଂଖ୍ୟାର ଏମାନେ ହେଉଛନ୍ତି ୨୪ ପ୍ରତିଶତ। ଆମ ଦେଶର ସମ୍ବିଧାନ ଅନୁସୂଚିତ ଜନଜାତିକୁ ପରିଭାଷିତ କରିନାହିଁ। ସମ୍ବିଧାନର ଅନୁଚ୍ଛେଦ ୩୪୨ ଅନୁସାରେ ରାଷ୍ଟ୍ରପତି ରାଜ୍ୟ ଅଥବା କେନ୍ଦ୍ରଶାସିତ ଅଞ୍ଚଳର ରାଜ୍ୟପାଳ ଉପରାଜ୍ୟପାଳଙ୍କ ସହ ପରାମର୍ଶ ପରେ ସାର୍ବଜନୀନ ଅଧିସୂଚନା ଜାରି କରି ଆଦିବାସୀ ଜାତି ଅଥବା ଆଦିବାସୀ ସମୁଦାୟ ବା ଆଦିବାସୀମାନଙ୍କୁ ନିର୍ଦ୍ଦିଷ୍ଟ କରିବେ, ଯାହା ସଂବିଧାନର ଉଦ୍ଦେଶ୍ୟ ପାଇଁ, ସେଇ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳ, ଯେଉଁଥିପାଇଁ ଉଦ୍ଦିଷ୍ଟ ହୋଇଥିବ ସେଇ ସମ୍ପ୍ରଦାୟ ବା ଜାତିଙ୍କୁ ଆଦିବାସୀ ବା ଅନୁସୂଚୀତ ଜନଜାତି ବୋଲି ଗ୍ରହଣ କରାଯିବ। ସମ୍ବିଧାନର ଅନୁଚ୍ଛେଦ ୩୬୬ (୨୫)ରେ ୩୪୨ ଅନୁସାରେ ଘୋଷିତ ଜନଜାତିଙ୍କୁ ଜନଜାତି କୁହାଯିବ ବୋଲି ଉଲ୍ଲେଖ କରାଯାଇଛି। ଆମ ଦେଶର ଆଇନ୍ ବାବଦରେ ଉଲ୍ଲେଖ କରାଗଲେ ସ୍ପଷ୍ଟଯେ ହିନ୍ଦୁ ବିବାହ ଆଇନ୍ ୧୯୫୫ ଆଦିବାସୀ ଙ୍କ ପାଇଁ ଲାଗୁ ନୁହେଁ। ଏହି ଆଇନର ଧାରା ୨ ଓ ଉପଧାରା ୨ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ ହିନ୍ଦୁ ବିବାହ ଆଇନ୍ ଅନୁସୂଚୀତ ଜନଜାତି ଅର୍ଥାତ୍ ଆଦିବାସୀଙ୍କ କ୍ଷେତ୍ରରେ ଲାଗୁ ନୁହେଁ। କେବଳ ଏତିକି ନୁହେଁ ହିନ୍ଦୁ ଉତ୍ତରାଧିକାର ଆଇନ୍ ୧୯୫୬, ହିନ୍ଦୁ ଆଡପସନ ଆଣ୍ଡ ଗାର୍ଡିଆନସିପ୍ ଆଇନ୍ ୧୯୫୬ ର ଧାରା ୨ ମଧ ଅନୁସୂଚୀତ ଜନଜାତିଙ୍କ ପାଇଁ ଲାଗୁ ନୁହେଁ। ଅର୍ଥାତ୍ ଅନୁସୂଚୀତ ଜନଜାତିଙ୍କ କ୍ଷେତ୍ରରେ ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍ ଲାଗୁନୁହେଁ। ଅନୁସୂଚୀତ ଜନଜାତି ବା ଆଦିବାସୀମାନଙ୍କୁ ସାଧାରଣତଃ ହିନ୍ଦୁ ବୋଲି କୁହାଯାଉଛି କିନ୍ତୁ କୌଣସି ହିନ୍ଦୁ ଆଇନ୍ ଏମାନଙ୍କ ପାଇଁ ଲାଗୁ ନୁହେଁ। ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟର ହାଇକୋର୍ଟ ଏପରିକି ସୁପ୍ରିମ୍ କୋର୍ଟ ମଧ ଆଦିବାସୀମାନେ ହିନ୍ଦୁ ଆଇନ୍‌ରୁ ଉର୍ଦ୍ଧ୍ୱରେ ଅର୍ଥାତ୍ ଏମାନଙ୍କ କ୍ଷେତ୍ରରେ ହିନ୍ଦୁ ଆଇନ୍ ଲାଗୁ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଏସବୁରୁ ସ୍ପଷ୍ଟ ଜଣାପଡ଼େ ଯେ ଆଦିବାସୀମାନଙ୍କୁ ସାଧାରଣ ଭାବରେ ହିନ୍ଦୁ କୁହାଯାଉଥିଲେ ମଧ ଏମାନେ ହିନ୍ଦୁ ନୁହଁନ୍ତି। କେବଳ ହିନ୍ଦୁଙ୍କ ସଂଖ୍ୟା ବୃଦ୍ଧି ପାଇଁ ଏମାନଙ୍କୁ ହିନ୍ଦୁ କୁହାଯିବା ଠିକ୍ କି ? ଯେଉଁମାନଙ୍କୁ ସମ୍ବିଧାନ ହିନ୍ଦୁ ବୋଲି ଗ୍ରହଣ କରିନାହିଁ, ଯେଉଁମାନେ ହିନ୍ଦୁ ଆଇନ୍‌ର ପରିସରଭୁକ୍ତ ନୁହଁନ୍ତି ରାଜନୀତି ବା ଭୋଟ ବ୍ୟାଙ୍କ ସୃଷ୍ଟି ଆଶାରେ ସେମାନଙ୍କୁ ହିନ୍ଦୁ ବୋଲି କହିବା ଯୁକ୍ତିଯୁକ୍ତ କି ?

ରାମଚନ୍ଦ୍ରପୁର, ରଣପୁର,
ମୋ.-୯୪୩୮୪୮୫୦୯୪

## ପାଗଳାର ପରିଭାଷା

ଅକ୍ଷୟ ପଣ୍ଡା



ନୂଆବଜାର ବସ ଷ୍ଟାଣ୍ଡ ପାଖରେ ଅଛି ଅନ୍ନପୂର୍ଣ୍ଣା ମନ୍ଦିର । ସେଇ ମନ୍ଦିର ପାଖକୁ ଲାଗି ରହିଛି ପାର୍କଟିଏ । ସେହି ପାର୍କରେ ବସି ଗୀତ ଗାଉଥିଲା ଯୁବକଟିଏ ।

"ଗଲେଣି ତୋ ସଙ୍ଗତୁ
ଯେତେକ ଜନ
ଗଣ୍ଠିରେ ବାନ୍ଧିନେଲେ
କେ କେତେ ଧନ ।"

ତାର ସୁମଧୁର ସ୍ୱର ସମସ୍ତିଙ୍କୁ ଆକୃଷ୍ଟ କରୁଥିଲା । ହେଲେ ବେଶ ଭୂଷା ଦେଖି ଲୋକେ ମୁହଁ ଆଡେଇ ଦେଉଥିଲେ । ଅଳିଆ ଅସନା ଗଦା ଭିତରେ ସେ ବସିଥିଲା । ପାଖରେ ଶୋଇଥିଲେ ଚାରି ପାଞ୍ଚୋଟି କୁକୁର । ରାସ୍ତା ପାଖରୁ ପିଲାଟିଏ ପଥର ଫିଙ୍ଗି କହୁଥିଲା ହେଇରେ ପାଗଳା ପାଗଳା । ସେ ଯୁବକଟି ନିର୍ଭୟରେ ବସିଥିଲା । ମାତ୍ର ପାଖରେ ଶୋଇଥିବା କୁକୁର ଗୁଡିକ ପାଲାଟିକୁ କାମୁଡିବାକୁ ଗୋଡେଇଲେ । ଏପରି ଦୃଶ୍ୟ ଦେଖି ମୋ ଆଖିରୁ ଠକ୍ ଠକ୍ ହୋଇ ଲୁହ ଗଡିପଡିଲା । ସାଧାରଣତଃ ଯାହାର ମସ୍ତିଷ୍କ ବିକୃତ ଥାଏ ତାକୁ ପାଗଳ କୁହାଯାଏ । ଯାହାର ବୁଦ୍ଧି ଭଷ୍ଟ ଥାଏ ତାକୁ ମଧ ହତ ବୁଦ୍ଧି ବା ପାଗଳ କୁହାଯାଏ । ତା ମନରେ କ୍ରୋଧ ଥିଲା ନା ହିଂସା ଥିଲା ନା ବ୍ୟବହାରରେ କିଛି ଫରକ ଥିଲା । କଷ୍ଟ ଯନ୍ତ୍ରଣା ସହି ପଶୁ ମାନଙ୍କ ପରି ପଶୁମାନଙ୍କ ସହିତ ବଞ୍ଚି ରହିଥିଲା ସରଳ ମଣିଷ । ଯଦି ପାଗଳର ପ୍ରତିଶବ୍ଦ ଖୋଜିବା ତେବେ ପାଇବା ଅଧିକ ଆଗ୍ରହି ତୀବ୍ର ଲାଳସା । ଆଉ କେତେକ ଅଭିଧାନରେ ଜଙ୍ଗଲି, ମତ୍ତ, କ୍ରୋଧି, ଦିୱାନା ଓ ଅସାମାଜିକ କୁହାଯାଏ । ତେବେ ପରିଭାଷା ଖୋଜିବାକୁ ଲାଗିଲି । ପାଗଳ କେଉଁମାନେ ଓ ପାଗଳ କେତେ ପ୍ରକାର ? ପ୍ରଥମେ ଯେଉଁମାନଙ୍କର ମାନସିକ ବିକୃତି ଥାଏ ସେମାନଙ୍କୁ ପାଗଳ କୁହାଯାଏ । ଦ୍ୱିତୀୟ ରେ ଯେଉଁମାନେ ଅଧିକରୁ ଅଧିକ କିଛି ପାଇବାକୁ ଚେଷ୍ଟା କରନ୍ତି ସେମାନଙ୍କୁ ପାଗଳ କୁହାଯାଏ । ସେମାନଙ୍କୁ ସାଧାରଣତଃ ଛଅ ଭାଗରେ ବିଭକ୍ତ କରାଯାଏ ।

୧- ଧର୍ମ ପାଗଳ
୨- ପ୍ରେମ ପାଗଳ
୩- ଧନ ପାଗଳ
୪- କ୍ଷମତା ପାଗଳ
୫- ଜ୍ଞାନ ପାଗଳ
୬- ନିଶା ପାଗଳ

ଧର୍ମ ମନୁଷ୍ୟ କୁ ପାଗଳ କରାଏ । ମୀରା ବାଇ ଗିରିଧର ଗୋବିନ୍ଦ ଙ୍କ ପାଇଁ, ଭକ୍ତ ସାଲବେଗ ଓ ଦାସିଆ ବାଉରୀ ଜଗନ୍ନାଥଙ୍କ ପାଇଁ, ରାମକୃଷ୍ଣ ମା କାଳୀ ଙ୍କ ପାଇଁ ପାଗଳ ପରି ହୋଇ ଯାଇଥିଲେ । ସେମାନଙ୍କୁ ଇଶ୍ୱରଙ୍କ ଶ୍ରେଷ୍ଠ ଭକ୍ତ କୁହାଯାଇପାରେ । ବିଶ୍ୱଗୁରୁ ଶଙ୍କରାଚାର୍ଯ୍ୟ, ଶାଇବାବା, ନିଗମାନନ୍ଦ, ଶ୍ରୀମା ଅରବିନ୍ଦ ଠାକୁର ଅନୁକୂଳ ଚନ୍ଦ୍ର ଙ୍କ ନାମ ଶୁଣିଲେ ଭକ୍ତିରେ ମଥା ନଇଁ ଯାଏ । ସେମାନେ ଅସତ୍ୟରୁ ସତ୍ୟକୁ, କୁକର୍ମ ରୁ ସୁକର୍ମ କୁ, ଅନୀତି ରୁ ନୀତି ଆଡକୁ ମାର୍ଗ ଦର୍ଶାଇଥିଲେ । ଗଢିଥିଲେ ସୁନ୍ଦର ସମାଜ । ବୌଦ୍ଧ ଧର୍ମ ଗ୍ରହଣ କରି ଚଣ୍ଡାଶୋକ ବନିଯାଇଥିଲେ ଧର୍ମାଶୋକ । ଆଜି ସରଳ ନିରିହ ନିଷ୍ପାପ ମଣିଷମାନଙ୍କୁ ଠକ ଭଣ୍ଡ ବାବାମାନେ ବିପଥଗାମୀ କରୁଛନ୍ତି । ଆଉ ଲୁଟି ନେଉଛନ୍ତି ସେମାନଙ୍କର କଷ୍ଟ ଅର୍ଜିତ ଧନ । ଆଶାରାମ ବାପୁ, ରାମ ରହିମ, ରାଧାମା, ସାରଥି ବାବା, ସୁର ବାବା ପରି ଅନେକ ଛଦ୍ମବେଶୀ ବାବା ଓ ମାତାମାନେ ସାଧାରଣ ସରଳ ବ୍ୟକ୍ତିମାନଙ୍କୁ ଧର୍ମ ନାମରେ ପାଗଳ କରୁଛନ୍ତି । ପ୍ରେମ ମଧ ମଣିଷକୁ ପାଗଳ କରିଦିଏ । ଯେପରି କୌନଜର ରାଜ କୁମାରୀ ସଞ୍ଜୁକ୍ତା ସ୍ୱୟମ୍ବର ସଭାରେ ଉପସ୍ଥିତ ଥିବା ମହାରାଜା ମାନଙ୍କୁ ପ୍ରତ୍ୟାଖାନ କରିଥିଲେ । ପରିଶେଷରେ ପୃଥ୍ୱିରାଜ ଚୌହାନ ଙ୍କ କାଷ୍ଠ ନିର୍ମିତ ଦ୍ୱାରପାଳ ମୂର୍ତ୍ତୀ ରେ ବରଣମାଳା ଦେଇଥିଲେ । ଯଦି ଆମେ ସୋଲେ ଫିଲ୍ମର କଥା ଚିନ୍ତା କରିବା ହିରୋ ଧର୍ମେନ୍ଦ୍ର ପାଣି ଟାଙ୍କି ଉପରେ ଚଢି (ହେମାମିଲିନୀ) ବାସନ୍ତିକୁ ନ ପାଇଲେ ଆତ୍ମ ହତ୍ୟା କରିବାକୁ ଧମକ ଦେଇଥିଲା । ଠିକ୍ ସେହିପରି ଆଜିକାଲି କଲେଜ ପଢୁଆ ଯୁବକମାନେ ଭଲନଟାଇନଡେ ରେ ହାତ କାଟିବା ଏକ ସାଧାରଣ ଘଟଣା ବନିଗଲାଣି । କେତେକ ବି ପ୍ରେମିକାଙ୍କ ପାଇଁ ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି। ଏପରି କାର୍ଯ୍ୟ କଦାପି ଠିକ୍ ନୁହେଁ । **(କ୍ରମଶଃ)**

### କବିତା କୋଣାର୍କ

## ଡରନାହିଁ କରୋନାକୁ..

ଅଶୋକ କୁମାର ପ୍ରଧାନ

କରୋନାର ଭୟ ସବୁଠି ଘାରିଛି
ଆସିଛି ସେ ଡେଇଁ ଚାଇନା ସୀମା
ଭାରତ ଭୂମିରେ ପାଦ ଦେବାଦିନୁ
ଜୀବନଟା ଲାଗେ ଜୀବନା ବୋମା।

ଚାଇନା ମାଟିରେ କେତେ ପ୍ରାଣ ନେଲା
ତଥାପି ତା ମନ ଶାନ୍ତି ନୋହିଲା
ତେଣୁ ଏ ଭାରତେ ମନ ବଳାଇଛି
ଆଉ କିଛି ପ୍ରାଣ ନେବି କହିଲା।

ଡରିବନି କେହି ଦେଖି ତାର ଛାଇ
କରିବନି କିଛି କ୍ଷତି ଆମର
ସଚେତନ ଯଦି ହୋଇବା ସଭିଁଏ
କରିବନି ସେତ କାୟା ବିସ୍ତାର।

ମନେରଖି ସର୍ବେ ମାନିବା ନିୟମ
ତା ସଂକ୍ରମଣରୁ ବଂଚିବା ପାଇଁ
ସହର ନଗରେ ଗ୍ରାମେ ଏହି ବାର୍ତ୍ତା
ପ୍ରତି କାନେ ଆମେ ଦେବାର କହି।

ସାବୁନରେ ହାତ ସଫା କରୁଥିବ
ମୁହଁକୁ ଢ଼ାଙ୍କିବ ମାସ୍କଟି ପିନ୍ଧି
ଛିଙ୍କ କାଶ ବେଳେ କାଶିବ ଯତନେ
ମୁଖରେ ଦେବରେ ରୁମାଲ ବାନ୍ଧି।

କାହା ସହ ହାତ ମିଳାଅନି କେବେ
ରୋଗର ବାହକ ଅଟଇ ସେହି
ନିଜ ଚତୁଃପାର୍ଶ୍ୱ ସଫା ରଖିଥିବ
ଏ କଥା ନଭୁଲ ମନରୁ କେହି।

ପନିପରିବା ଓ ଫଳମୂଳ ସବୁ
ଧୋଇକି ଖାଇବ ରଖିତ ମନେ
ସୁସ୍ଥ ସନ୍ତୁଳିତ ଆହାର ଖାଇବ
ଏ କଥାକୁ ସର୍ବେ ରଖରେ ଧ୍ୟାନେ।

କରୋନା କରୋନା କହି କହି ତୁମେ
ମାନସିକେ କିଏ ଯିବନି ଡରି
ମନର ଦୁର୍ବଳ ରୋଗର କାରଣ
ସୁସ୍ଥ ମାନସିକ ସ୍ୱାସ୍ଥ୍ୟର ଶିରୀ।

ସଚେତନ ହେବା ସଭିଁଏ ଆମେରେ
ସୁସ୍ଥ ନିରାପଦ ଜୀବନ ପାଇଁ
ସମୃଦ୍ଧ ସୁସ୍ୱାସ୍ଥ୍ୟ ଭାରତ ଗଢ଼ିବୁ
କରୋନାକୁ ଡର ଆମର ନାହିଁ।

+ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଂଜାମ
ମୋ: ୮୨୪୯୧୧୯୧୩୦




### କବିତା କୋଣାର୍କ

## ଭଲ ମଣିଷଟେ ହୋଇବା...

ଶରତ ଚନ୍ଦ୍ର ଜାଲି

ଅଳପ ପ୍ରାପ୍ତିରେ ଦୁଃଖ କରନାହିଁ
ଦୁଃଖି ବୋଲି ମଣି ନିଜକୁ
ସନ୍ତୋଷ ଚିତ୍ତରେ ଜୀବନ ବିତେଇ
ହାତ ପାତନାହିଁ କାହାକୁ।

କାହାକୁ ଦଇବ ଅଧିକ ଦେଇଛି
ସେ କଥା ମନକୁ ଆଣନା
ନିଜକୁ ଅନ୍ୟର ସଙ୍ଗେ କେବେହେଲେ
କରନାହିଁ ତିଳେ ତୁଳନା।

ଧନୀ ଏକା ସିଏ ଜ୍ଞାନୀ ଏକା ସିଏ
ଅଳ୍ପକେ ସନ୍ତୁଷ୍ଟ ହୁଏ ଯେ
ବେଦ, ପୁରାଣରେ ବର୍ଣ୍ଣିତ ହୋଇଛି
ସାଧୁବାଣୀ ନିତି କୁହେ ଯେ।

ଆମ ତଳେ କେତେ ପ୍ରାଣୀ ଏ ଜଗତେ
ଅଛନ୍ତି ଦୁଃଖରେ କଷ୍ଟରେ
ସେକଥା ମନକୁ ଆଣି ସବୁବେଳେ
ବଂଚିଯିବା ଟିକେ ଶ୍ରେଷ୍ଠରେ।

ଆମଠାରୁ ଉଚ୍ଚେ ଥିବା ଲୋକଙ୍କର
ଦେଖି ଭଲମନ୍ଦ ଚଳଣି
ଦୁଃଖ ପ୍ରକାଶିଲେ ଚିନ୍ତିତ ହୋଇଲେ
ଜୀବନକୁ ଗ୍ରାସେ ଭାଳେଣି।

ତେଣୁ ବିଧାତାକୁ ଧନ୍ୟବାଦ ଦେଇ
ନିଜକୁ ନିଜଠେ ତୁଳିବା
ଗର୍ବ, ଅହଙ୍କାର ପରିତ୍ୟାଗ କରି
ଭଲ ମଣିଷଟେ ହୋଇବା।

ତେବେ ସିନା ବନ୍ଧୁ ମଣିଷ ଜନମ
ସାର୍ଥକ ହୋଇବ ମରତେ
ମରଦେହ ତୋର ଅମର ହୋଇବ
ମରିଗଲା ପରେ ଜଗତେ।

ଗୁଣକୁ ବାହୁନି କାନ୍ଦିବେ ସଭିଁଏ
ଦେଖିବେନି ଧନ ସଂପତି
ମହାପୁରୁଷଙ୍କ ମହାପ୍ରୟାଣ ଯେ
ପ୍ରମାଣସ୍ୱରୂପେ ଅଛନ୍ତି।

+ ପଥରା, ଖଲ୍ଲିକୋଟ, ଗଂଜାମ
ମୋ-୭୮୭୩୯୧୭୬୫୧

## ତ୍ୟାଗ...

ସୁଦର୍ଶନ ମହାପାତ୍ର



ତ୍ୟାଗ ଏକ ପବିତ୍ର ଆହ୍ୱାନ
ସତ୍ୟନିଷ୍ଠ ସଙ୍କଳ୍ପିତ ପଥ
ମନ୍ତ୍ରପୂତ ନିଃସ୍ୱାର୍ଥ ଭାବନା
ଅନୁରାଗ ଅନ୍ତଃସ୍ୱରେ ଦୀପ୍ତ।

ତ୍ୟାଗ ଏକ ଶାଶ୍ୱତ ପ୍ରାରମ୍ଭ
ନିର୍ମୋହ ପରମ ଆଶ୍ୱାସ
କେବେ ପୁଣି ମଙ୍ଗଳ ଉଦ୍ଦିଷ୍ଟ
ପୁଲକିତ ପ୍ରଗାଢ଼ ବିଶ୍ୱାସ।

ତ୍ୟାଗ ଏକକ ମହନୀୟ ବାର୍ତ୍ତା
ବିଭାସିତ ବିବେକର ସ୍ୱର
ବଂଚିବାର ନୂଆ ଏକ ଦିଶା
ସଂସ୍କାରିତ ପଥ ଜୀବନର।

ତ୍ୟାଗ ଏକ ଅନବଦ୍ୟ ନିଷ୍ଠା
ନିରଳସ ଜୀବନ ବୃତ୍ତାନ୍ତ
ସ୍ମରଣୀୟ ଅଲିଭା ଆଲେଖ୍ୟ
କାଳଜୟୀ ଅମ୍ଳାନ ଦୃଷ୍ଟାନ୍ତ।

ତ୍ୟାଗ ଏକ ନିରୂପିତ ଲକ୍ଷ
ହୃଦୟର ସମର୍ପିତ ଭାବ
ଯାଚିଦିଏ ଅୟୁତ ଉଲ୍ଲାସ
ଅଫୁରନ୍ତ ପ୍ରୀତି ଅନୁଭବ।

ତ୍ୟାଗ ଏକ ଦିବ୍ୟ ଅନୁଭୂତି
ମାର୍ଜିତ ଉଦବୁଦ୍ଧିତ ଜ୍ଞାନ
ପ୍ରତିବଦ୍ଧ ଚେତନାର ଉତ୍ସ
ଅନୁସୃତ ଜୀବନ ଦର୍ଶନ।।

+କୁଞ୍ଜବିହାରୀ ଲେନ, କଟକ



# ଯୋଗଦ୍ୱାରା ସାଇନସର ଉପଚାର

ସାଇନସ ହେଉଛି ନାକ ସମ୍ବନ୍ଧିତ ଏକ ସମସ୍ୟା । ଏହି ସମସ୍ୟା ଥଣ୍ଡା ପାଗରେ ଅଧିକ ହୋଇଥାଏ । ନାକ ବନ୍ଦ ହେବା, ମୁଣ୍ଡ ଓ ଅଧକପାଳୀ ବିନ୍ଧା ପରି ସମସ୍ୟା ହୋଇଥାଏ ନାକରୁ ପାଣି ବାହାରିଯିବା ଆଦି ଏହାର ପ୍ରମୁଖ ଲକ୍ଷଣ । ଏହା ବ୍ୟତୀତ ହାଲୁକା ଜ୍ୱର, ଆଖି ପଲକରେ ଯନ୍ତ୍ରଣା ହେବା, ଅବସାଦ କାରଣରୁ ଚେହେରା ଫୁଲିଯିବା । ଆଗାମୀ ଦିନରେ ଏହି ରୋଗ ଆଜମା, ଦମା ପରି ଗଭୀର ବେମାରୀରେ ପରିଣତ ହୁଏ । କିନ୍ତୁ ଯୋଗ ଦ୍ୱାରା ଏହି ରୋଗରୁ ମୁକ୍ତି ପାଇହେବ ।




ସୂର୍ଯ୍ୟନମସ୍କାର- ସୂର୍ଯ୍ୟ ନମସ୍କାର ସବୁ ଆସନ ମଧ୍ୟରେ ମୁଖ୍ୟ ଆସନ ବୋଲି ବିଚାର କରାଯାଏ । ଏହାଦ୍ୱାରା ସାଇନସ ସମସ୍ୟାରୁ ମୁକ୍ତି ମିଳିଥାଏ । ପ୍ରତ୍ୟହ ଏହି ଆସନ କରିବା ଦ୍ୱାରା ଶରୀରକୁ ଉର୍ଜା ମିଳିବା ସହ ଭିଟାମିନ ଡି ମଧ ମିଳିଥାଏ । ୧୨ ମୁଦ୍ରା ବିଶିଷ୍ଟ ଏହି ଆସନ ସାଇନସରୁ ମୁକ୍ତି ଦେବା ସହ ଅବସାଦକୁ କମ କରି ଓଜନ ହ୍ରାସ କରିଥାଏ ।






ପର୍ଶ୍ଚିମୋତ୍ତାନାସନ- ଏହି ଆସନ କରିବା ବହୁତ ସହଜ । ଏହା କରିବା ସମୟରେ କ୍ଲାନ୍ତି ଲାଗେ ନାହିଁ । ଏହା ସାଇନସ ସହ ଅନିଦ୍ରାର ଉପଚାର ପାଇଁ ମଧ ସାହାଯ୍ୟ କରିଥାଏ । ଏହି ଆସନ କରିବା ପାଇଁ ପ୍ରଥମେ ଆପଣ ସିଧା ବସନ୍ତୁ ଓ ଦୁଇ ପାଦକୁ ସିଧା ଯୋଡ଼ି ରଖି ଦୁଇ ହାତକୁ ଉପରକୁ ଉଠାନ୍ତୁ ଓ ଅଣ୍ଟା ସିଧା ରଖନ୍ତୁ । ଏହାପରେ ଦୁଇପାଦର ଆଙ୍ଗୁଠିକୁ ହାତରେ ଛୁଇଁବାକୁ ଚେଷ୍ଟା କରନ୍ତୁ । ଧ୍ୟାନ ରଖିବେ ଏହି ସମୟରେ ଆଣ୍ଠୁ ଯେପରି ମୋଡ଼ି ହୋଇ ନରୁହେ । ଏହା ସହ ପାଦ ମଧ ଭୂମିରୁ ଉପରକୁ ଉଠାଇବେ ନାହିଁ ।

ଉତ୍ତାନାସନ:- ଏହି ଯୋଗାସନ ମଧ ସାଇନସରୁ ଆରାମ ଦେବାରେ ସହାୟକ ହୋଇଥାଏ । ଏହାସହ ଶ୍ୱାସକ୍ରିୟା ସମ୍ବନ୍ଧିତ ଅନ୍ୟ ବେମାରୀରୁ ମଧ ଉପଶମ ମିଳିଥାଏ । ଏହି ଆସନ ଆପଣଙ୍କ ମୁଣ୍ଡକୁ ତାଜା ରଖିଥାଏ । ଉତ୍ତାନାସନ କରିବା ପାଇଁ ପ୍ରଥମେ ଆପଣ ସିଧା ଠିଆ ହୁଅନ୍ତୁ । ଲମ୍ବା ନିଶ୍ୱାସ ନେଇ ଦୁଇ ହାତ ଉପରକୁ କରୀନ୍ତୁ ଏହାପରେ ଆଗକୁ ନଇଁ ଦୁଇହାତରେ ଭୂମିକୁ ଛୁଅନ୍ତୁ । ଏହି ସମୟରେ ଆଣ୍ଠୁକୁ ଆଦୌ ମୋଡ଼ନ୍ତୁ ନାହିଁ । କିଛି ସମୟ ଏପରି ମୁଦ୍ରାରେ ରହିବା ପରେ ହାତକୁ ପୁନଃ ଉପରକୁ କରନ୍ତୁ ଓ ନିଶ୍ୱାସ ଛାଡ଼ି ସମାନ୍ୟ ଅବସ୍ଥାରେ ଛିଡ଼ା ହୋଇଯାଆନ୍ତୁ ।

# ସୁଖସମୃଦ୍ଧି ପାଇଁ ଗୃହରେ ରଖନ୍ତୁ ଏହି ବିଶେଷ ଦ୍ରବ୍ୟ

ଆମ ପରମ୍ପରା ଅନୁସାରେ କେତୋଟି ଦିଗ ପ୍ରତି ଧ୍ୟାନ ଦେଲେ ଗୃହରେ ସୁଖ,ଶାନ୍ତି, ସମୃଦ୍ଧି ଓ ସମସ୍ତ ଉନ୍ନତି ହୋଇଥାଏ । ବର୍ତ୍ତମାନ ସମୟରେ ମଧ ସଂଖ୍ୟାଧିକ ଲୋକ ଏସବୁ ନିୟମକୁ ପାଳନ କରୁଛନ୍ତ । ଗୃହକୁ ପବିତ୍ର, ସୁଖ, ଶାନ୍ତି, ସମୃଦ୍ଧିରେ ପରିପୂର୍ଣ୍ଣ କରିବା ପାଇଁ କେଉଁ ବିଶେଷ ଦ୍ରବ୍ୟ ରଖିବା ଆବଶ୍ୟକ ।

**ବିଘ୍ନହର୍ତ୍ତା ପ୍ରଭୁ ଗଣେଶଙ୍କ ମୂର୍ତ୍ତି:**

ପ୍ରଭୁ ଗଣେଶଙ୍କ ମୂର୍ତ୍ତିକୁ ଘରେ ନିଶ୍ଚୟ ରଖନ୍ତୁ । ଗଣେଶଙ୍କୁ ବିଘ୍ନହର୍ତ୍ତା ବୋଲି କୁହାଯାଏ । ତେଣୁ ଯେକୌଣସି ସଙ୍କଟ ସମୟରେ ପ୍ରଭୁଙ୍କୁ ସ୍ମରଣ କରିବା ଦ୍ୱାରା ଦୂର ହୋଇଥାଏ ।

**ଗଙ୍ଗା ଜଳ:**

ହିନ୍ଦୁ ଧର୍ମରେ ଗଙ୍ଗା ଜଳର ଖୁବ୍ ମହତ୍ତ୍ୱ ରହିଛି । ପ୍ରତ୍ୟେକ କାର୍ଯ୍ୟରେ ଏହାକୁ ବ୍ୟବହାର କରିବା ଦ୍ୱାରା ଘରେ ସୁଖ-ସମୃଦ୍ଧି ଆସିଥାଏ ।



**ଶଙ୍ଖ:**

ପୂଜା ଘରେ ଶଙ୍ଖ ରଖିବା ଦ୍ୱାରା ଓ ଏହାକୁ ନିୟମିତ ବଜାଇବା ଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ । ଘରେ ମା'ଲକ୍ଷ୍ମୀଙ୍କ ବାସ ହୋଇଥାଏ କାରଣ ଶଙ୍ଖ ପ୍ରଭୁ ବିଷ୍ଣୁଙ୍କ ଖୁବ୍ ପ୍ରିୟ ଅଟେ ।

**ଗାଈ ଘିଅ:**

ହିନ୍ଦୁ ଧର୍ମରେ ଗାଈଙ୍କୁ ମା'ଭାବେ ସମ୍ବୋଧନ କରିବା ସହ ପୂଜାର୍ଚ୍ଚନା କରାଯାଏ । ଗାଈର ଘିଅରେ ଦୀପ ଜଳାଇବା, ଯଜ୍ଞ ଆଦି କାର୍ଯ୍ୟରେ ବ୍ୟବହାର କରିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ରହିଥାଏ । ଖାଦ୍ୟ ପ୍ରସ୍ତୁତିରେ ମଧ ଏହାକୁ ବ୍ୟବହାର କରାଯାଏ ।

**ମହୁ:**

ଘିଅ ଭଳି ମହୁକୁ ମଧ ପବିତ୍ର କୁହାଯାଏ । ମହୁରେ ବାୟୁ ସମସ୍ୟା ଦୂର କରିବାର କ୍ଷମତା ଥାଏ । ପୂଜାରେ ମଧ ମହୁର ବ୍ୟବହାର କରାଯାଏ ।

**ଆମ୍ବ ପତ୍ର:**

ଗୃହରେ ନିକଟରେ ଏକ ଆମ୍ବ ଗଛ ନିଶ୍ଚୟ ଲଗାନ୍ତୁ । ପୂଜାର୍ଚ୍ଚନା କରିବା ସମୟରେ ଆମ୍ବର ପତ୍ରକୁ ବ୍ୟବହାର କରାଯାଏ । ବିବାହ, ପୂଜା, ଯଜ୍ଞ ଆଦିରେ ଏହି ପତ୍ରର ବିଶେଷ ମହତ୍ତ୍ୱ ରହିଛି ।









# ଶୀତୁଆ ସକାଳରେ କରନ୍ତୁ ଏସବୁ କାମ

ଶୀତଦିନରେ ଥଣ୍ଡା ସକାଳରେ ଶେଯ ଛାଡିବାକୁ ସହଜରେ ମନ ହୋଇନଥାଏ । ହେଲେ ପ୍ରାତବେଳା ଶଯ୍ୟା ତ୍ୟାଗ କରି କିଛି ସମୟ ଖରାରେ ବସିଲେ ଶରୀରକୁ ଜରୁରୀ ପୋଷକ ତତ୍ତ୍ୱ ମିଳିଥାଏ । ଯୁବତୀମାନେ ନିଜ ତ୍ୱଚାକୁ ଉତ୍ତମ ଖୋରାକ୍ ଯୋଗାଇବାକୁ ଚାହୁଁଥିଲେ, ଏହି ନିୟମ ଆପଣାନ୍ତୁ । ଏହାଦ୍ୱାରା ଶରୀରକୁ ଭିଟାମିନ୍ ଡି ମିଳିବା ସହ ବିଭିନ୍ନ ରୋଗରୁ ମଧ ରକ୍ଷା ମିଳେ ।



- ଶୀତର ପ୍ରତ୍ୟେକ ସକାଳରେ ୨୦ରୁ ୨୫ ମିନିଟ୍ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ବସିବା ଅଭ୍ୟାସ କରନ୍ତୁ । ଏହାଦ୍ୱାରା ଶରୀରରେ ମେଲାଟୋନିନ୍ ନାମକ ହରମୋନ୍ ସୃଷ୍ଟି ହୋଇଥାଏ, ଯାହା ରାତ୍ରୀରେ ସୁନିଦ୍ରା ପାଇଁ ସହାୟକ ।
- ମେଦ ହ୍ରାସ କରିବାକୁ ଚାହୁଁଥିଲେ ଯୁବତୀ-ମହିଳା ପ୍ରତ୍ୟେହ ଭୋରବେଳା ଖରାରେ ବସିବା ଉପକାରୀ ।
- ପ୍ରସବ ପରେ ମହିଳାମାନେ ଏହି ଋତୁରେ ସକାଳେ ଖରାରେ ବସିବା ଭଲ । ଏହା ସେମାନଙ୍କ ହାଡ ମଜବୁତ କରିବା ସହ ଆଣ୍ଠୁଗଣ୍ଠି ଯନ୍ତ୍ରଣା କମ୍ କରେ ।
- ଏପରିକି ସକାଳର ଏହି ଖରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢାଇଥାଏ ।

## ସ୍ୱାସ୍ଥ୍ୟପ୍ରଦ ମାଟିହାଣ୍ଡି ଖାଦ୍ୟ



ନିକଟରେ ବିଶ୍ୱସ୍ତରୀୟ ଖାଦ୍ୟ ସର୍ବେକ୍ଷଣ ହୋଇଥିଲା । ୨୦୧୬ ଶେଷ ଭାଗରେ ହୋଇଥିବା ଏହି କାର୍ଯ୍ୟରେ ମାଟି ହାଣ୍ଡି ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ ତଥ୍ୟ ପ୍ରକାଶିତ । କେବଳ ଭାରତ ଓ ଜାପାନର କାଁଭାଁ କେତୋଟି ଅଞ୍ଚଳରେ ହିଁ ଆଜିର ସମୟରେ ମାଟି ହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି ।

# ଥଣ୍ଡାରୁ ବର୍ତ୍ତିବାର ଉପାୟ

ଋତୁ ପରିବର୍ତ୍ତନ ହେବା ସମୟରେ ଥଣ୍ଡା, ଛିଙ୍କ ଓ ସର୍ଦ୍ଦି ହେବା ଏକ ସାଧାରଣ କଥା । ଏପରି ସମୟରେ ଆମେ ଖାଦ୍ୟପାନୀୟ ପ୍ରତି ଯତ୍ନବାନ୍ ହେବା ସହ ନିଜର ଯତ୍ନ ନେବା ଉଚିତ ।



ପ୍ରଚୁର ପରିମାଣରେ ପୋଟାସିୟମ୍ ଭରପୂର କଦଳୀ ଖାଇଲେ ଥଣ୍ଡା ହୋଇଥାଏ ବୋଲି ଅଧିକାଂଶଙ୍କ ଧାରଣା । ବିଶେଷଜ୍ଞଙ୍କ ମତ ଯେ କଦଳୀ ଖାଇଲେ ବରଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଗୋଟିଏ କଦଳୀ ଖାଇଲେ ୧୦୦ କ୍ୟାଲୋରୀ ଶକ୍ତି ମିଳିଥିବା ବେଳେ ଥଣ୍ଡାରୁ ମଧ ରକ୍ଷା କରେ ।

ଶୀତଦିନେ ରାତିବେଳା କିମ୍ବା ସନ୍ଧ୍ୟା ସମୟରେ ଦହି ଓ ଏଥିରୁ ପ୍ରସ୍ତୁତ ଅନ୍ୟାନ୍ୟ ବ୍ୟଞ୍ଜନ ନ ଖାଇବା ଉଚିତ୍ । ଏହା କାରଣରୁ କଫ ହେବାର ଭୟ ରହିଥାଏ । ଦିନବେଳା ଦହି ଖାଇବା ଉଚିତ । ଅଳ୍ପ ପରିମାଣରେ ଖାଇଲେ ଏହା କାରଣରୁ ଥଣ୍ଡା କିମ୍ବା ଜ୍ୱର ହେବାର ଆଶଙ୍କା ନଥାଏ । ଥଣ୍ଡାରୁ ରକ୍ଷା ପାଇବାକୁ ହେଲେ ଭିଟାମିନ୍ ସି'ଯୁକ୍ତ ଫଳ ଓ ପନିପରିବାକୁ ନିଜ ଭୋଜନ ତାଲିକାରେ ସାମିଲ କରାଇବା ଆବଶ୍ୟକ ।

ଏହା ସହ ଧ୍ୟାନରେ ରଖିବା ଉଚିତ ଯେ ଥଣ୍ଡା ହୋଇଥିଲେ ଖିର ପିଇବା ଅନୁଚିତ । ଏହା କାରଣରୁ କଫ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

## ଘରୋଇ ଚିକିତ୍ସାରେ ଗଙ୍ଗଶିଉଳି

- ଦୁଇ ଚାମଚ ଗଙ୍ଗଶିଉଳି ପତ୍ର ରସରେ ଚାରି, ପାଞ୍ଚ ଠୋପା ମହୁ ଫେଣ୍ଟି ଦିନକୁ ତିନି ଥର ସେବନ କଲେ ଥଣ୍ଡା, କାଶ, କଫ ଭଲ ହୁଏ ।
- ପାଳି ଜ୍ୱର ହେଉଥିଲେ, ଦିନକୁ ଦୁଇଥର ପାଞ୍ଚ ଦିନ ଯାଏ ଏକ ଚାମଚ ଲେଖାଏଁ ରସ ସେବନ କରନ୍ତୁ ।
- ତିନି, ଚାରିଟି ପତ୍ରକୁ ବାଟି, ପାଣିରେ ଫୁଟାଇ ଛାଣିବା ପରେ ଦିନକୁ ଦୁଇଥର ପିଅନ୍ତୁ । ସିଆଟିକା ସମସ୍ୟା ଦୂର ହେବ ।
- ଗଙ୍ଗଶିଉଳି ପତ୍ରରେ ଗୋଲମରିଚ ବାଟି ସେବନ କଲେ ମାଲେରିଆ ଜ୍ୱର ଭଲ ହୁଏ ।
- ଦୁଇ ଟୋପା ରସ ନାକରେ ପକାନ୍ତୁ, ମୁଣ୍ଡବିନ୍ଧାରୁ ଉପଶମ ମିଳିବ ।



- ପାଞ୍ଚ ଗ୍ରାମ୍ ଓଜନର ପତ୍ର, ଛାଲ ଓ ଫୁଲକୁ ଦୁଇ ଶହ ଗ୍ରାମ୍ ପାଣିରେ ଫୁଟାନ୍ତୁ । ଏହାର ଏକ ଚତୁର୍ଥାଂଶ ପାଣିକୁ ଛାଣି ପିଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା, ଫୁଲାରୁ ଉପଶମ ମିଳେ ।



# ସ୍ଲିପ୍ ପାରାଲିସିସ୍

ରାତିରେ ବାରମ୍ବାର ନିଦ ଭାଙ୍ଗିବା, ଡର ଲାଗିବା ଓ ଶରୀର କୌଣସି ଅଙ୍ଗ ଚାହିଁଲେ ବି ହେବାକୁ ସ୍ଲିପ୍ ପାରାଲିସ୍ କୁହାଯାଏ ।

ଅଧରାତିରେ ଅଚାନକ ନିଦ ଭାଙ୍ଗିଯିବା, ଆଖପାଖରେ କେହି ଥିବା ଅନୁଭବ ହେବା, ଏପାଖ ସେପାଖ ହେବାକୁ ଚେଷ୍ଟା କଲେ ବି କୌଣସି ଅଙ୍ଗ ସଚଳ ନହେବା, ଡର ଲାଗିବା, ଚିତ୍କାର କଲେ ବି ପାଟିରୁ ଶବ୍ଦ ନ ବାହାରିବା, କେହି ଯେମିତି ଜାବୁଡି ଧରିଥିବା ଭଳି ଅନୁଭବ କରିବା- ଏଭଳି ଅବସ୍ଥା ହିଁ ସ୍ଲିପ୍ ପାରାଲିସ୍ ।

ସ୍ଲିପ୍ ପାରାଲିସ୍ ନିଦ ଓ ଚେଇଁଥିବା ମଧ୍ୟର ଅବସ୍ଥା । ଏହି ସମୟରେ ଶରୀର ସମ୍ପୂର୍ଣ୍ଣ ଅଚଳ ବା ପାରାଲାଇଜ୍‌ଡ୍ ହେବା ଭଳି ଲାଗେ । ଏଇ ଅବସ୍ଥା କିଛି ସେକେଣ୍ଡରୁ କିଛି ମିନିଟ୍ ପର୍ଯ୍ୟନ୍ତ ରହିପାରେ ।



**ବୈଜ୍ଞାନିକ ବିଶ୍ଳେଷଣ-** ରାପିଡ୍ ଆଇ ମୁଭମେଣ୍ଟ୍ (ଆର୍‌ଇଏମ୍) ଓ ନନ୍-ରାପିଡ୍ ଆଇ ମୁଭମେଣ୍ଟ୍ ସ୍ଲିପ୍ ହେଉଛି ଦୁଇ ପ୍ରକାର ସ୍ଲିପ୍ ସାଇକଲ୍ । ପ୍ରଥମ ଭାଗ ନନ୍-ରାପିଡ୍ ଆଇ ମୁଭେମେଣ୍ଟ୍‌ରେ ଧୀରେ ଧୀରେ ନିଦର ତିନି ଷ୍ଟେଜ୍ ଦେଇ ଗତି କରିବାକୁ ହୁଏ । ଏହି ଷ୍ଟେଜ୍‌ରେ ନିଶ୍ୱାସ ପ୍ରଶ୍ୱାସ ଗୋଟେ ଲୟରେ ଯାଉଥିବାରୁ ବ୍ୟକ୍ତି ନିଦ୍ରା ଅବସ୍ଥାକୁ ଯାଏ ।

ଏହା ପରେ ରାପିଡ୍ ଆଇ ମୁଭ୍‌ମେଣ୍ଟ୍ ସ୍ଲିପ୍ ଆସେ । ଯେତେବେଳେ ଜଣେ ସ୍ୱପ୍ନ ଦେଖେ ସେହି ସମୟରେ ଗ୍ଲାଇସିନ୍ ନାମକ ଏକ ନ୍ୟୁରେଟ୍ରାନ୍ସମିଟର ଶରୀରକୁ ପାରାଲିସ୍ ଭଳି ଅସ୍ଥାୟୀ ଷ୍ଟେଜ୍‌ରେ ପରିଣତ କରିବାରେ ସାହାଯ୍ୟ କରେ । ଏହି ସ୍ଲିପ୍ କଣ୍ଡିସନ୍‌ରେ ଶରୀର ଅନିଚ୍ଛା ମାଂସପେଶୀକୁ ମୁଭ୍ କରିପାରେ । ଏହି କାରଣରୁ ଜଣେ କେବଳ ସ୍ୱପ୍ନ ଦେଖି ଥାଏ, ଯାହା ସ୍ୱପ୍ନରେ ଦେଖେ ସେହି ଅନୁଯାୟୀ ସେ କିଛି କରିପାରେ ନାହିଁ । ଆର୍‌ଇଏମ୍ ଅବସ୍ଥାରେ କୌଣସି ପ୍ରକାରର ମସଲ୍ ଆକ୍ଟିଭିଟି ହୋଇ ନ ଥାଏ । କାରଣ ଆମ ମସ୍ତିଷ୍କ ସେହି ସମୟରେ ସ୍ଥିର ନ ଥାଏ । ଯଦି ଅଚାନକ ଆର୍‌ଇଏମ୍ ଅବସ୍ଥାରୁ ନିଦ ଭାଙ୍ଗେ ଗ୍ଲାଇସିନ୍ ସାହାଯ୍ୟରେ ହେଉଥିବା ପାରାଲିସସ୍ ପ୍ରଭାବ ଜାରି ରହିପାରେ । ସଚେତନ ଅବସ୍ଥାରେ ଥିଲେ ବି କିଛି ସେକେଣ୍ଡ୍ ଓ ମିନିଟ୍ ପର୍ଯ୍ୟନ୍ତ ଶରୀରର କୌଣସି ଅଙ୍ଗ ଚଳପ୍ରଚଳ ହୋଇପାରେ ନାହିଁ । ସ୍ଲିପ୍ ପାରାଲିସ୍ ଅନୁଭବ ଭୟଙ୍କର ଓ ଦ୍ୱନ୍ଦ୍ୱମୟ । ଖରାପ ସ୍ୱପ୍ନ ଦେଖୁଥିବା ସମୟରେ ଏହା ଘଟିଥାଏ ।

**ମୂଳ କାରଣ:** ଏହାର ମୂଳ କାରଣ ଖରାପ ନିଦ ସହିତ ସଂଶ୍ଳିଷ୍ଟ । ଅନିୟମିତ ନିଦ୍ରା କାରଣରୁ ଅନେକଙ୍କ ଠାରେ ସ୍ଲିପ୍ ପାରାଲିସ୍ ଦେଖାଯାଏ । ଯନ୍ତ୍ରଣା, ନିଶା ସେବନ, ବାରମ୍ବାର ବାଥ୍‌ରୁମ୍ ଯିବା, ଖରାପ ସ୍ୱପ୍ନ ଦେଖିବା ପାଇଁ ବି ଏହା ହୋଇପାରେ । ଏହା ଦ୍ୱାରା ନିଦ ବାରମ୍ବାର ପ୍ରଭାବିତ ହୁଏ । ଅଧିକ ଅବସାଦରେ ରହିବା କାରଣରୁ ବି ଏହା ଦେଖା ଦିଏ । ପୋଷ୍ଟ୍ ଟ୍ରମାଟିକ୍ ଷ୍ଟ୍ରେସ୍ ଡିଜଅର୍ଡର (ପିଟିଏସ୍‌ଡି)ରେ ପୀଡିତ ଲୋକଙ୍କ ଠାରେ ସ୍ଲିପ୍ ପାରାଲିସ୍ ଆଶଙ୍କା ଅଧିକ । ପ୍ରତି ଦଶଜଣ ମଧ୍ୟରୁ ଚାରି ଜଣଙ୍କଠାରେ ସ୍ଲିପ୍ ପାରାଲିସ୍ ଦେଖା ଦେଇପାରେ । ଏହି ଅବସ୍ଥା ସର୍ବପ୍ରଥମେ କିଶୋରାବସ୍ଥାରେ ଅନୁଭବ ହୁଏ । କିନ୍ତୁ ଏହା ଯେକୌଣସି ସମୟରେ ଯେକୌଣସି ବୟସ ବ୍ୟକ୍ତିଙ୍କୁ ଦେଖା ଦେଇପାରେ ।

**ଲକ୍ଷଣ**

- ନିଦ୍ରାଭାବ
- ଶୋଇବାରେ ଅନିୟମିତା
- ମାନସିକ ଅବସ୍ଥା
- ନିଶା ସେବନ ପ୍ରତିକାର
- କେଉଁ କାରଣ ପାଇଁ ବାରମ୍ବାର ନିଦରୁ ଉଠୁଛନ୍ତି ସେ ବାବଦରେ ଜାଣିବା ଜରୁରୀ ।
- କାହାକୁ ଶକ୍ତ ଆଘାତ ଲାଗିଥିଲେ ସାଇକୋଥେରାପିର ସାହାଯ୍ୟ ନେବା ।
- ଶୋଇବା ଓ ଉଠିବାର ନିୟମିତ ଟାଇମ୍‌ଟେବୁଲ୍ ପ୍ରସ୍ତୁତ କରିବା ।
- ୭-୮ ଘଣ୍ଟା ଶୋଇବା । ବେଳେବେଳେ କିଛି ଲୋକଙ୍କୁ ନଅ ଘଣ୍ଟା ନିଦ ବି ଆବଶ୍ୟକ ।
- ଯଦି ସ୍ଲିପ୍ ପାରାଲିସିସ୍ ପାଇଁ ଚିନ୍ତାରେ ରହୁଛନ୍ତି କିମ୍ବା ବାରମ୍ବାର ରାତିରେ ନିଦ ଭାଙ୍ଗୁଛି ତା'ହେଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଦରକାର ।

# ସୁସ୍ଥ ଭୋଜନ:ଭାତ ଓ ଡାଲିର ମିଶ୍ରଣ

ଆମ ଦେଶୀ ଲୋକ ଏବେ ବିଦେଶର ବ୍ୟଞ୍ଜନ ପଛରେ ଧାଉଁଛେ । ବିଦେଶୀ ଖାଦ୍ୟର ଭିନ୍ନ ନାମ ଓ ସ୍ୱାଦରେ ଏକରକମ ବାନ୍ଧିହୋଇଜଗଲେଣି । ଏ ଭିତରେ କିନ୍ତୁ ନିଜ ଦେଶୀ ସ୍ୱାସ୍ଥ୍ୟପ୍ରଦ ଭୋଜନର ଉପକାରିତା ଯେ ଆମେ ଭୁଲିଗଲେଣି । ଭାରତର ପାରମ୍ପରିକ ଭୋଜନ ଭାବେ 'ଭାତ-ଡାଲି' ଜଣାଯାଏ । ପ୍ରାଚୀନ କାଳରୁ ଶୁଦ୍ଧ ଦେଶୀ ଘିଅ ସହ ଭାତ-ଡାଲି ଲୋକେ ଖାଇ ଏକ ସୁସ୍ଥପ୍ରଦ ଜୀବନ ଅତିବାହିତ କରୁଥିଲେ । ନିକଟରେ ଜର୍ମାନୀର ଲ୍ୟୁବେକ୍ ବିଶ୍ୱବିଦ୍ୟାଳୟର ଗବେଷକ ସମୂହ ଏହି 'ଭାତ-ଡାଲି' ଉପରେ ଗବେଷଣା କରି ପ୍ରକାଶ କରିଛନ୍ତି ଯେ ନିୟମିତ ଏହି ଭୋଜନ କଲେ ବଂଶାନୁକ୍ରମିକ ରୋଗରୁ ମଧ ବର୍ତ୍ତି ହେବ ।

- ପୋଷକତତ୍ତ୍ୱ ଭରପୂର 'ଭାତ-ଡାଲି' ଖାଇଲେ କେଯଣସି ପେଟ ସମସ୍ୟା ହୋଇନଥାଏ । ବରଂ ବିଭିନ୍ନ ପ୍ରକାରର ଡାଲି ନିୟମିତ ଖାଇଲେ ଶରୀରକୁ ପ୍ରଚୁର ପରିମାଣରେ ଶକ୍ତି ମିଳେ ।
- ଆମ ଶରୀରକୁ ଫାଇବର୍‌ର ଆବଶକତା ଅଧିକ ଅଛି । ମଧୁମେହ ରୋଗୀଙ୍କ ନିମନ୍ତେ ମଧ 'ଭାତ-ଡାଲି' ଏକ ଉତ୍ତମ ଭୋଜନ । ପ୍ରତ୍ୟେହ ଭାତ-ଡାଲି ସହ ସିଝା ତରକାରି ଖାଇଲେ ରକ୍ତଶର୍କରା ନିୟନ୍ତ୍ରିତ ରହେ ।



# ଜଳେଶ୍ୱର କୋର୍ଟ ସମୂହର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ

ଜଳେଶ୍ୱର,୧।୧୨ (ନି.ପ୍ର): ଜଳେଶ୍ୱରର ତଥାକଥିତ କୋର୍ଟ ବଜାର ରୁ କୋର୍ଟ ସମୂହ ୬୦ନଂ ଜାତୀୟ ରାଜପଥକଡକୁ ସ୍ଥାନାନ୍ତର ହେବା ପ୍ରକ୍ରିୟା ଆଜି ସୋମବାର ଆରାମ୍ଭ ହୋଇଛି । ରାଜ୍ୟ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ ଓ ବାଲେଶ୍ୱର ଜିଲା ଜଜ୍‌ଙ୍କ ଚିଠି ଫଳରେ ଜଳେଶ୍ୱର ନିଜାରତ ତଥା ଜଜ୍ କୋର୍ଟ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଫଳରେ କୋର୍ଟର ସମସ୍ତ ରେକର୍ଡପତ୍ର ଓ ଆସବାପତ୍ର ସେ ସ୍ଥାନକୁ ସ୍ଥାନାନ୍ତୀର ହେବାରେ ଲାଗିଛି ଆଜି ୩ଟି ଗାଡି ଦ୍ୱାରା ଏ ସବୁ କାର୍ଯ୍ୟ ସମାପନ ଆରମ୍ଭ ହୋଇଛି । ଆସନ୍ତା ୧ ତାରିଖ ମଂଗଳବାର ଅନ୍ୟ ଆସବାପତ୍ର ଓ ରେକର୍ଡପତ୍ର ସ୍ଥାନୋନ୍ତର ହେବ । ଡିସେମ୍ବର ୨ ତାରିଖଠାରୁ ସିଭିଲଜଜ୍ (ସିନିୟର), ସିଭିଲଜଜ୍ (ଜୁନିୟର), ଜେଏମ୍‌ଏଫସି କୋର୍ଟ କାର୍ଯ୍ୟକ୍ଷମ ହେବ । ଅନ୍ୟପକ୍ଷରେ ଉକ୍ତଦିନ ଏଡିଜେ କୋର୍ଟର ଶୁଭାରମ୍ଭ ହେବ ବୋଲି ସୂଚନା ମିଳିଛି । କିନ୍ତୁ ଜଳେଶ୍ୱର ସହର ଓ ବାଇପାସ୍‌ଠାରୁ ନୂତନ କୋର୍ଟ ପରିସରକୁ ଯାତାୟାତ ଲାଗି ଜିଲାପାଳ ପ୍ରତିଶୃତି ଦେଇଥିବା ମୋ ବାସ୍ ଚାଳନାକୁ ଜନସାଧାରଣ ଅପେକ୍ଷା କରିଛନ୍ତି । ଏଥିନେଇ ଜଳେଶ୍‌ରର ଆଇନ୍‌ଜୀବୀ ଚଳଚଞ୍ଚଳ ହୋଇଥିବା ଜଣାଯାଇଛି ।

# ଭାରତ ସରକାରଙ୍କ କ୍ଷେତ୍ର ପ୍ରଚାର କାର୍ଯ୍ୟାଳୟ ତରଫରୁ କୋଭିଡ ସଚେତନତା ରଥକୁ ଶୁଭାରମ୍ଭ କଲେ ଅତିରିକ୍ତ ଜିଲ୍ଲାପାଳ

ରାୟଗଡ଼ା ,୧।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ, କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ, ଜୟପୁର, ପକ୍ଷରୁ ରାୟଗଡ ଜିଲ୍ଲା ମୁଖ୍ୟାଳୟ ଠାରେ କୋରନା ରୋଗ ଠାରୁ ନିଜକୁ ବଞ୍ଚାଇ ରଖିବା ଲାଗି କେଉଁ କେଉଁ ସଠିକ ବ୍ୟବହାର ପଦ୍ଧତି ଆପଣେଇବାକୁ ହେବ ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଏକ କୋଭିଡ ୧୯ ସଚେତନତା ରଥ ଆଜି ଶୁଭାରମ୍ଭ ହୋଇଛି ।ଏହାକୁ ରାୟଗଡ଼ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ପଣ୍ଡା, ସବୁଜ ପତାକା ଦେଖାଇ ପ୍ରଚାର ଅଭିଯାନ ଶୁଭାରମ୍ଭ କରିଛନ୍ତି । ଏଥି ସହିତ କରୋନା ସଚେତନତା ବାର୍ତ୍ତା ସମ୍ବଧୀୟ ପୋଷ୍ଟର ମଧ ଉନ୍ମୋଚନ କରିଥିଲେ । ଏହି ଅଭିଯାନ ୨୦ ଦିନ ଧରି ସମଗ୍ର ଜିଲାରେ କୋଭିଡ ସଚେତନତା ର ବାର୍ତା ପ୍ରଚାର କରିବ । ପ୍ରଚାର ରଥରେ କରୋନା ଠାରୁ ରକ୍ଷା ପାଇବା ପାଇଁ ଥିବା ବିଭିନ୍ନ ଉପାୟ ଗୁଡିକ ଯଥା ମାସ୍କ ପିନ୍ଧିବା, ହାତ ଧୋଇବା /ସାନିଟାଇଜର ବ୍ୟବହାର କରିବା ଓ ପରସ୍ପର ମଧ୍ୟରେ ଦୁଇ ଗଜ ଅର୍ଥାତ ୬ ଫୁଟ ଦୂରତା ରଖିବା, ଜନଗହଳି ପୂର୍ଣ୍ଣ ସ୍ଥାନକୁ ନ ଯିବା ପାଇଁ ବିଭିନ୍ନ ପରାମର୍ଶଥିବା ବାର୍ତା ଜରିଆରେ ଲୋକମାନଂକୁ ସଚେତନ କରାଯିବ. ପ୍ରଚାର ଗାଡ଼ିରେ କରୋନା ସମ୍ପର୍କୀୟ ବିଭିନ୍ନ ସଚେତନତାର ବାର୍ତ୍ତା ସବୁ ରହିଛି । ଏହା ସହିତ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ମଧ ଗୀତ ମାଧମରେ ପ୍ରଚାର କରାଯିବ । ଏହି କୋଭିଡ ରଥ ଜିଲ୍ଲାର ସବୁ ବ୍ଲକ, ଗ୍ରାମ ପଞ୍ଚାୟତ ତଥା ଗ୍ରାମୀଣ ସ୍ତରରେ ଗାଁ ଗାଁ ବୁଲିବ ଏହାବାଦ କୋଭିଡ ସଚେତନତା ବାର୍ତ୍ତା ଥିବା ଷ୍ଟିକର ମଧ ବିଭିନ୍ନ ଛକ, ବସ ଷ୍ଟାଣ୍ଡ, ଜନଗହଳି ସ୍ଥାନ ତଥା ଲୋକଙ୍କ ଚଳାଚଳ କରୁଥିବା ମୁଖ୍ୟ ସ୍ଥାନ ମାନଙ୍କରେ ଷ୍ଟିକର ଲଗାଯିବ ।ଯଦ୍ୱାରା ବେପରୁଆ ଲୋକମାନେ ଏହି କୋରନା ସମୟରେ ନିଜକୁ ସତର୍କ ଓ ସୁରକ୍ଷିତ ରଖି ପାରିବେ। ବର୍ତମାନ ମଧ କୋରାନା ରହିଛି ସମ୍ପୂର୍ଣ ରୂପେ ଯାଇନାହିଁ,, ଯେଉଁ ପର୍ଯ୍ୟନ୍ତ ଟୀକା ବାହାରି ନାହିଁ ସେ ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ ଅବହେଳା ନ କରିବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି, ଦେଶବାସୀଙ୍କୁ ପୋଷ୍ଟର ଜରିଆରେ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ ଯେ ରାୟଗଡ ଜିଲ୍ଲା ରାଜ୍ୟର ୧୦ଟି ଅତି ପ୍ରଭାବିତ ଜିଲ୍ଲା ମଧ୍ୟରେ ଆସୁଥିବାରୁ ଏବଂ ଏହି ଶୀତରତୁରେ କୋଭିଡ ବ୍ୟାପିବା ଆଶଙ୍କା ଥିବାରୁ ଏହି ପ୍ରଚାର କାର୍ଯ୍ୟକ୍ରମ କରଯାଉଛି । ଆଜି ଠାରୁ ଆସନ୍ତା ଡିସେମ୍ବର ମାସ ୧୯ ତାରିଖ ପର୍ଯ୍ୟନ୍ତ ପ୍ରଚାର ଚାଲିବ । ଉଦଘାଟନୀ ଉଛବରେ ଅନ୍ୟ ମାନ୍ୟ ଗଣ୍ୟ ବ୍ୟକ୍ତି ମାନଙ୍କ ମଧରେ ଜିଲ୍ଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଲୋକମାନଙ୍କ ପାଇଁ ଉଦିଷ୍ଟ ଏହି ମହତ ଜନ କଲ୍ୟାଣ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜୟପୁରରୁ ଆସିଥିବା ଜିତେନ୍ଦ୍ର କୁମାର ପ୍ରଧାନ ସହାୟକ ନିର୍ଦ୍ଦେଶକ, କ୍ଷେତ୍ର ଜନ ସମ୍ପର୍କ କାର୍ଯ୍ୟାଳୟ, ଉପସ୍ଥିତ ଥିଲେ ।

# ଜଗନ୍ନାଥ ମନ୍ଦିରକୁ ୨ ଏକର ଜମି ଦାନ

ଜୟପୁର,୧।୧୨ (ନି.ପ୍ର): କୋରାପୁଟ ଜିଲା ବାଗଦେରି ଜଗନ୍ନାଥ ମନ୍ଦିର ଓ କୁନ୍ଦୁରା ଜଗନ୍ନାଥ ମନ୍ଦିରକୁ ୧ ଏକର ଲେଖାଏଁ ଜମି ଦାନ କରିଛନ୍ତି ବୋରିଗୁମ୍ମା ଥାନା ଜୟନ୍ତିଗିରି ନିକଟସ୍ଥ ଚାରଗାଁ ଗ୍ରାମର ଭଦ୍ର ପୁଜାରୀ । ଜଗନ୍ନାଥ ମନ୍ଦିର କମିଟି ବାଗଦେରି ତରଫରୁ ପ୍ରତିନିଧିତ୍ୱ ସଭାପତି ଧନପତି ଗୌଡଙ୍କୁ ପ୍ରଦାନ କରିଛନ୍ତି । ଏହି ଜମିରେ ଧାନ ଚାଷ ହୋଉଥିବା ବେଳେ ବର୍ଷକୁ ୨ ଥର ଚାଷ ହେଉଛି । ଏହି ସମୟରେ ପରିଚାଳନା କମିଟିର ରାଧା ପ୍ରସାଦ ପାତ୍ର, ତୁଳା ଚନ୍ଦ୍ର ସାହୁ. ଚନ୍ଦ୍ର ସଗରିଆ, ବିଦ୍ୟାଧ୍ର ସାହୁ, ତିଲ ନାୟକ କୁଶ ସାନ୍ତା ପ୍ରମୁଖ ଉପସ୍ଥିତ ଥିବା ଉପଦେଷ୍ଟା ଚନ୍ଦ୍ର ସଗରିଆ ସୂଚନା ଦେଇଛନ୍ତି ।

# ମା' କିଚକେଶ୍ୱରୀଙ୍କ ଦୁର୍ଲ୍ଲଭ ସୁନାବେଶ ଦର୍ଶନରୁ ବଂଚିତ ହେଉଛନ୍ତି ଶ୍ରଦ୍ଧାଳୁ



ବାରିପଦା ,୧।୧୨ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ପାଂଚପୀଢ ଉପଖଣ୍ଡର ଖିଚିଂ ଠାରେ ବିଜେ ମା କିଚକେଶ୍ୱରୀ ଠାକୁରାଣୀଙ୍କ ଦୁର୍ଲ୍ଲଭ ସୁନାବେଶ ଦର୍ଶନରୁ ବଂଚିତ ହେଉଛନ୍ତି ସ୍ଥାନୀୟ ତଥା ଜିଲ୍ଲା ଏବଂ ଜିଲ୍ଲା ବାହାରର ଶ୍ରଦ୍ଧାଳୁ ମାନେ । ବିଗତ ବର୍ଷ ମାନଙ୍କର କାର୍ତିକ ପୂର୍ଣ୍ଣମା ଦିନ ମା କିଚକେଶ୍ୱରୀ ଦୁର୍ଲ୍ଲଭ ସୁନାବେଶରେ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଥାଅନ୍ତି । କରିଆ ରୁ ମାଙ୍କ ସୁନା ଗହଣା ମାନ ଅଣାଯାଇ ମା କିଚକେଶ୍ୱରୀ ଠାକୁରାଣୀଙ୍କୁ ସୁନାବେଶ ଲାଗି କରାଯାଇଥାଏ । ମା ଙ୍କୁ ଏହି ସୁନାବେଶରେ ଦର୍ଶନ କରିବାକୁ ଆଖପାଖ ଅଂଚଳ, ପଡୋଶି ଜିଲ୍ଲା ତଥା ପଡୋଶି ରାଜ୍ୟରୁ ଲକ୍ଷାଧିକ ଶ୍ରଦ୍ଧାଳୁ ମାନଙ୍କର ଭିଡ ଲାଗିଥାଏ । କିନ୍ତୁ ଚଳିତବର୍ଷ କୋଭିଡ୍ କଟକଣା ଯୋଗୁଁ ମନ୍ଦିର ମାନଙ୍କରେ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ପାଇଁ ସରକାରଙ୍କ ପକ୍ଷରୁ ବାରଣ କରାଯାଇଛି । ତେଣୁ ଚଳିତବର୍ଷ କରିଆରୁ ମାଙ୍କ ସୁନାବେଶ ପାଇଁ ଗହଣା ଆସି ନାହିଁ । ଯାହା ମନ୍ଦିରରେ ସୁନା ଗହଣା ଅଛି ସେଇଥିରେ ମାଙ୍କ ସୁନାନେଶ କରାଯାବଥିବାର ଜଣାଯାଇଛି । ମନ୍ଦିରରେ ଠାକୁର ଠାକୁରାଣୀ ମାନଙ୍କୁ ଦର୍ଶନ ପାଇଁ କଟକଣା ଲାଗୁ ହୋଇଥିବାରୁ ଏବଂ ମା ଙ୍କୁ ସୁନାବେଶରେ ଦର୍ଶନ କରିବାରୁ ବଂଚିତ ହେଉଥିବାରୁ ଶ୍ରଦ୍ଧାଳୁ ଏବଂ ସାଧାରଣରେ ଘୋର ନୈରାଶ୍ୟଭାବ ଦେଖାଦେଇଛି ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଛକ ବଜାର ସଫେଇ

ଧର୍ମଶାଳା,୩୦ନଭେମ୍ବର(ହି.ସ.) - ଦୀର୍ଘ ଦିନ ଧରି ରସୁଲପୁର ବ୍ଲକ ଅନର୍ଗତ ବ୍ରହ୍ମବରଦା ବ୍ୟାଙ୍କଛକଠାରେ ମୁଖ୍ୟ ରାସ୍ତାରେ ଅଳିଆ ଅବର୍ଜନା ସହ ମାଟି ବାଲି ଜମି ରହୁଥିଲା । ଅଳିଆ ଅବର୍ଜନା ଜମି ରହିବା ଫଳରେ ଛକ ବଜାରକୁ ଆସଥିବା ଗ୍ରାହକ ଓ ବ୍ୟବସାୟୀମାନେ ଦୃଗନ୍ଧର ସମ୍ମୁଖୀନ ହେଉଥିଲେ । ଫଳରେ ଯାତାୟତ ସମୟରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ଏବଂ ଅନେକ ସମୟରେ ଲୋକେ ଦୁର୍ଘଟଣାରେ ଆହତ ହୋଇଥିବା ନଜିର ରହିଛି । ତେବେ ଏହାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏହି ସ୍ଥାନରୁ ବାଲିମାଟି ସଫା କରାଯାଇଛି । ଏତାଦୃଶ କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ବାସହୀନ-ଗରିବ-ଦୁଃଖୀଙ୍କୁ କମ୍ବଳ ବଣ୍ଟନ



ଜଳେଶ୍ୱର,୧।୧୨ (ନି.ପ୍ର): ପବିତ୍ର କାର୍ତ୍ତିକମାସ ଫଂଚୁକ ପୂର୍ଣ୍ଣମୀ ଅବସରରେ ଆଜି ସୋମବାର ଜଳେଶ୍ୱରର ଦୁଇଟିସ୍ଥାନରେ ବାସହୀନ ଗରିବ ଦୁଃଖିମାନଙ୍କୁ କମ୍ବଳ ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ଷ୍ଟେସନବଜାରର କାଳୀମନ୍ଦିର ନିକଟରେ ୭୦ ଜଣ ଗରିବଙ୍କୁ ସଫଳ ବ୍ୟବସାୟୀ କମଳ ମଣ୍ଡଳ କମ୍ବଳ ଓ ସୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ଫଂଚୁକ ପୂର୍ଣ୍ଣମୀ ଥିବାରୁ ଶହ ଶହ ଲୋକେ କାଳୀମନ୍ଦିରରେ ପୂଜାର୍ଚ୍ଚନା ସାରି ଫେରୁଥିବା ବେଳେ ସେଠାରେ ବସିଥିବା ଦୁଃଖିରଙ୍କିଙ୍କୁ ସାଧ୍ୟମତେ ଦାନ କରିଥିବା ବେଳେ କମ୍ବଳ ବଣ୍ଟନ ଏକ ଭାବାବେଗ ପରିବେଶ ସୃଷ୍ଟି କରିଥିଲା । ଏହି ବଣ୍ଟନ ବେଳେ ବଣିକ ସଂଘ ସଭାପତି ସୁଧିର ମହାନ୍ତି, ଗୁରୁପ୍ରସାଦ ଚୌରାସିଆ, ଗୌରୀଶଂକର ବାରିକ, ବିଶ୍ୱଜିତ୍ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ଅନୁରୂପଭାବେ ଆଜି ବାସନ୍ତି ପଡିଆ ତାରିଣୀ ହାଡୱାର୍ ପକ୍ଷରୁ ଗରିବ ଲୋକଙ୍କୁ କମ୍ବଳ, ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ପ୍ରାୟ ୨୦୦ ଗରିବ ଲୋକଙ୍କୁ କମ୍ବଳ ବଣ୍ଟାଯାଇଥିବା ଏହାର ମାଲିକ କୁଞ୍ଜଲତା ସେନାପତି ଓ ସାନ୍ତନୁ ସେନାପତି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁବ୍ରତ କୁମାର ଘୋଷ, ମୋଆଇହେଲ୍ଥ୍‌ୟୁର ପ୍ରତିଷ୍ଠାତା ଜଗନ୍ନାଥ ପରିଡା, ଅଜିତ୍ ଜେନା, ସନ୍ଦିପ ମହାନ୍ତି, ଜୟଦେବ ସାମଲ, ହରିଶଂକର ପଣ୍ଡା, ସମର ବଲ୍ଲଭ ଦାସ, ଶୁଭାଶିଷ ହୁଇ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ରାୟଗଡ଼ାରେ ଉଚ୍ଛେଦ ବସ୍ତି ବାସିନ୍ଦାଙ୍କୁ ନେଇ ଆମ ଆଦମୀ ପାର୍ଟିର ପ୍ରେସମିଟ



ରାୟଗଡ଼ା ,୧।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ସଦର ମହକୁମାର ୧ ନମ୍ବର ୱାର୍ଡର ଗୁରୁମ୍ ଗୁଡା ରାସ୍ତା ପାର୍ଶ୍ୱରେ ଥିବା ବସ୍ତିର ୧୧ ଗୋଟି ଗୃହକୁ ଗତ ନଭେମ୍ବର ୧୮ ତାରିଖରେ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଥିଲା । ରାୟଗଡ଼ା ଜିଲ୍ଲା ଆମ୍ ଆଦମୀ ପାର୍ଟି ତରଫରୁ ସେହି ବସ୍ତି ବାସିନ୍ଦାଙ୍କ ପାଇଁ ପ୍ରଥମ ତହସିଲଦାର ଓ ପରେ ଜିଲ୍ଲାପାଳଙ୍କୁ ବସ୍ତି ବାସିନ୍ଦାଙ୍କ କ୍ଷତିପୂରଣ ଓ ଥଇଥାନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଉନଥିବା ପରିଲକ୍ଷିତ ହୋଇଛି । ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶ ଅନୁଯାୟୀ ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ ଥିବା ନିୟମ ଅଛି କିନ୍ତୁ ପ୍ରଶାସନ ଏହାର ଅବମାନନା କରୁଥିବା ଆମ ଆଦୀମି ପାର୍ଟିତରଫରୁ ପ୍ରକାଶ କରିଛନ୍ତି । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଏହାର ଖୋଲା ଉଲଘଂନ କରିଥିବା ଜଣାପଡିଛି । ମାନ୍ୟବର ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ କ୍ରମେ ୧୫ ଜାନୁଆରୀ ୨୦୨୧ ମଧ୍ୟରେ କରୋନା କଟକଣା ପାଇଁ ସମସ୍ତ ସହର ଓ ଗ୍ରାମ ରେ ସମସ୍ତ ଉଚ୍ଛେଦ କାମ ବନ୍ଦ ଥିବା ପ୍ରକାଶ ହୋଇଛି । ତେଣୁ ଏହା ପ୍ରଶାସନର ବ୍ରିଟିଶ ଶାସନ ବା ଗୁଣ୍ଡା ରାଜ ବୋଲି କୁହାଯାଇଛି । ତେଣୁ ଆମ୍ ଆଦମୀ ପାର୍ଟି ଏହି ଗରୀବ, ଦଳିତ ଓ ନିଷ୍ପେସିତ ଲୋକଙ୍କ ନ୍ୟାୟ ପାଇଁ ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ଚେତାବନୀ ଦେଇଛି ।

# ସବୁଜ ଭାରତର ୮ମ ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର,୧।୧୨ (ନି.ପ୍ର): ସାମାଜିକ ଅନୁଷ୍ଠାନ ସବୁଜ ଭାରତର ଅଷ୍ଟମ ସ୍ୱନକ୍ଷତ୍ର ଉତ୍ସବ ୟୁନିଟ୍-୩ସ୍ଥିତ ବିଭାଗୀୟ ମୁଖ୍ୟ ଦପ୍ତର ସ୍ୱଳ୍ପବେତନ ଭୋଗୀ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳର ସାଂସ୍କୃତିକ ସାମ୍ମୁଖ୍ୟ ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସଭାପତି ଭାବେ ଦୂରଦର୍ଶୀର ସମ୍ପାଦକ ମୁଖପାତ୍ର ଦୁର୍ଗା ସାମନ୍ତରାୟ ଯୋଗଦେଇ ପରିବେଶ ସନ୍ତୁଳନ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ମତ ରଖିଥିଲେ । ପ୍ରତ୍ୟେକ ନାଗରିକ ନିଷ୍ଠାପର ଭାବରେ ପରିବେଶ ସଚେତନତା, ପରିବେଶ ସୁରକ୍ଷା ତଥା ସନ୍ତୁଳନ ପ୍ରତି ଧ୍ୟାନ ଦେଲେ ବାସ୍ତବ କ୍ଷେତ୍ରରେ ଏକ ସବୁଜ ଭାରତର ପରିକଳ୍ପନା ଆମେ କରିପାରିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

# ଭାରତର ପ୍ରମୁଖ ପାରମ୍ପାରିକ କଣ୍ଢେଇ ଭାବେ ବାଲେଶ୍ୱରର ଜଉକଣ୍ଢେଇ ମନୋନୀତ

ବାଲେଶ୍ୱର ,୧।୧୨ (ନି.ପ୍ର): ବାଲେଶ୍ୱରର କଳା ସଂସ୍କୃତିର ପ୍ରତୀକ ଭାବେ ପରିଚିତ ବାଲେଶ୍ୱରର ପାରମ୍ପାରିକ ଲୋକକଳା ଜଉକଣ୍ଢେଇ ବା ବାଲେଶ୍ୱରୀ ଜଉକଣ୍ଢେଇ । ଏହି ପାରମ୍ପାରିକ ଲୋକକଳାକୁ ବାଲେଶ୍ୱରର ସଞ୍ଚାରୀ ଜାତିର ଲୋକମାନେ କୌଳିକ ବୃତ୍ତି ଭାବେ ପୁରୁଷାନୁକ୍ରମେ ଗଢିଆସୁଛନ୍ତି । ଆଧୁନିକତାର କଷାଘାତରେ ଏହି କଳା ବୁଡିଯାଉଥିବା ବେଳେ ଦୁଇ ଦଶନ୍ଧି ଧରି ବାଲେଶ୍ୱରର କଳାକାର, କଳାପ୍ରେମୀ, ବୁଦ୍ଧିଜୀବୀ ମାନେ ଉଜ୍ଜୀବିତ ରଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ ଭାରତର ପାରମ୍ପାରିକ କଣ୍ଢେଇ କଳାକୁ ଉଜ୍ଜୀବିତ କରାଯାଉଛି । ଏଥିପାଇଁ ବିଭିନ୍ନ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଥିବା ବେଳେ ଭାରତୀୟ ଡାକ ବିଭାଗ ତରଫରୁ ୧୫୧ତମ ବିଶ୍ୱ ପୋଷ୍ଟ କାର୍ଡ ଦିବସ ଅବସରରେ ଅକ୍ଟୋବର ୧ ତାରିଖରେ ଭାରତର ବିଭିନ୍ନ ରାଜ୍ୟର ପ୍ରମୁଖ ୧୨ଟି ପାରଂପାରିକ କଣ୍ଢେଇକୁ ପୋଷ୍ଟ କାର୍ଡରେ ସ୍ଥାନିତ କରି ଅନଲାଇନ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଏଥିରେ ଓଡିଶାର ପାରମ୍ପାରିକ କଣ୍ଢେଇ ଭାବରେ ବାଲେଶ୍ୱରର ଜଉକଣ୍ଢେଇକୁ ସ୍ଥାନିତ କରାଯାଇଛି । ଏହି ସଂବାଦ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ, ଓଡିଶା ତରଫରୁ ଘୋଷଣା ପରେ ବାଲେଶ୍ୱରରେ ଖୁସିର ଲହରୀ ଖେଳି ଯାଇଛି । ବାଲେଶ୍ୱରୀ ଜଉକଣ୍ଢେଇର ଉଦ୍ଧାରକ ତଥା ଗବେଷକ ଶିଳ୍ପୀ କେଶୁଦାସ ପ୍ରତିକ୍ରିୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ପ୍ରଦାନ କରିବା ସହ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ, ଓଡିଶାଙ୍କୁ ଧନ୍ୟବାଦ ଜଣାଇଛନ୍ତି । କେବଳ ପାରମ୍ପାରିକ ଜଉ କଣ୍ଢେଇ କଳା ଓ କାଳାକାରମାନଙ୍କର ଲଗାତର ପ୍ରଚେଷ୍ଟାର ସଫଳତା ନୁହଁ, ଏହା ବାଲେଶ୍ୱର ବାସୀଙ୍କର ସଫଳତା । ଜଉକଣ୍ଢେଇକୁ ନେଇ ଜଡିତ ବିଭିନ୍ନ ଅନୁଷ୍ଠାନ ଯଥା ବାଲେଶ୍ୱରୀ କଳା କେନ୍ଦ୍ର, ଜଉକଣ୍ଢେଇ ବାହାଘର ଉତ୍ସବ କମିଟି, ଅରଡବଜାର ଜଉଘର ଏସଏଜି, ତରତରିର ଲାଖ ସୋସାଇଟି, ନୂଆବଜାର ଜଉକଣ୍ଢେଇ ବାହାଘର ଉତ୍ସବ କମିଟି, ସୋର ଜଉକଣ୍ଢେଇ ବାହାଘର ଉତ୍ସବ କମିଟି , କୁରୁଡା ଜଉକଣ୍ଢେଇ ବାହାଘର ଉତ୍ସବ କମିଟି, ମାଆ ବୀଣାପାଣି ଏସଏଜି, ମାଆ ସୁଭଦ୍ରା ଏସଏଜି, ବଣ ଧୂଳିର ଫୁଲ, ଯୁବ ବିକାଶ ସହ କଳା ସଂସ୍କୃତି ସହ ଜଡିତ ସମସ୍ତ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା । ବାଲେଶ୍ୱର ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର ସୁବାସିନୀ ଜେନା, ଅଂଜଳି ପଣ୍ଡା, କୁମାର ଗୋପାଳ, ବ୍ରହ୍ମନାଥ ରଥ, ହୃଶିକେଶ ସାହୁ, ଉପେନ୍ଦ୍ର ପାତ୍ର, ରଘୁନାଥ ଲେଙ୍କା ପ୍ରମୁଖ ସହ ଲଳିତ କଳା ଏକାଡେମୀର ସଚିବ ଗଜେନ୍ଦ୍ର କୁମାର ସାହୁ , ଖଲ୍ଲିକୋଟ ଆର୍ଟ କଲେଜର ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ଧଉଳି ଆର୍ଟ କଲେଜ ଅଧ୍ୟକ୍ଷ ପଂଚାନନ ସାମଲ, ସୋର କଳାଘରର ମୁଖ୍ୟ ରାଜବଲ୍ଲଭ ସାହୁ, ପାରମ୍ପାରିକ ଜଉକଣ୍ଢେଇ ଶିଳ୍ପୀ ତପନ ନନ୍ଦୀ, ଜଉକଣ୍ଢେଇ ଶିଳ୍ପୀ କନକ ଲତା ଦାସ, ଜ୍ଞାନଶ୍ରୀର ମୁଖ୍ୟ ପ୍ରଶାନ୍ତ ପଟେଲ, ଜଳେଶ୍ୱର ଆର୍ଟ ଫାଉଣ୍ଡେସନର ମୁକ୍ତିକାନ୍ତ ନନ୍ଦୀ ପ୍ରମୁଖ ଶୁଭେଚ୍ଛା ପ୍ରଦାନ କରିଥିଲେ ।

# ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିକରି ଦାବିପତ୍ର ପ୍ରଦାନ

କନ୍ଧମାଳ,୧।୧୨ (ନି.ପ୍ର): ୨୦୧୪ ମସିହା ପରଠାରୁ କନ୍ଧମାଳ ଜିଲାରେ ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ଅନ୍ୟ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ସଂସ୍କୃତ ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି । ଏଭଳି ସ୍ଥଳେ ଆବଶ୍ୟକ ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିଲେ ମଧ୍ୟ ଅନେକ ଯୋଗ୍ୟ ଆଶାୟୀ ଶିକ୍ଷକ ଓ ଶିକ୍ଷୟତ୍ରୀ ନିଜ ଅଧିକାର ପାଇବାରୁ ବଂଚିତ ହେଉଛନ୍ତି । ବୃତି ଅଭାବରୁ ପରିବାର ଚଳାଇବା କଷ୍ଟକର ହୋଇ ଗଲାଣି । ଅତ୍ୟନ୍ତ ଅଭାବ ଅନାଟନରେ କାଳତିପାତ କରୁଛନ୍ତି ପରିବାର ଲୋକେ । ତୃତୀୟ ଭାଷା ସ୍ଥାନରେ ଆଇ.ଟି ଓ ଭୋକେସନାଲ ନରଖି ପୂର୍ବ ନିୟମ ଆଧାରିତ ସଂସ୍କୃତ ଶିକ୍ଷକଙ୍କ ନିଯୁକ୍ତି ପ୍ରଦାନ କରାଯାଉ । ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ମୂଳଧାର ଅଟେ । ଏହାର ଗୌରବ ରକ୍ଷା କରି ଏହି ଭାଷାକୁ ବାଧ୍ୟତା ମୂଳକ ଭାଷାରେ ମାନ୍ୟତା ଦେବା ପାଇଁ ଦାବି କରାଯାଇଛି । ଏହି ସମସ୍ୟାର ସମାଧାନ କରାନଗଲେ ଘରେ ଭୋକ ଉପାସରେ ମୃତ୍ୟୁବରଣ କରିବା ଅପେକ୍ଷା ଆମରଣ ଅନଶନ କରିବା ଶ୍ରେୟ ମଣିବୁ ବୋଲି ଉଲ୍ଲେଖ କରାଯାଇଥିବା ୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର କନ୍ଧମାଳ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି । ଉଲ୍ଲେଖ ଥିବା ଦାବି ଗୁଡ଼ିକ ମଧ୍ୟରେ, ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସଂସ୍କୃତ ଭାଷାକୁ ବାଧ୍ୟତା ମୂଳକ କରିବା, ଶିକ୍ଷଶାସ୍ତ୍ରୀ ଉତ୍ତୀର୍ଣ୍ଣ ହୋଇ ବେରୋଜଗାର ଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ପଦକ୍ଷେପ ନେବା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଡ଼ିକରେ ସଂସ୍କୃତ ଶିକ୍ଷକଙ୍କ ନିଯୁକ୍ତି ଦେବା ଭଳି ଦାବି କରାଯାଇଛି । ସଂସ୍କୃତରେ ଶିକ୍ଷାଶାସ୍ତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଚିତ୍ତରଞ୍ଜନ ସାହୁ , ମିହିର କାନ୍ତ ପ୍ରଧାନ, ରାଜକିଶୋର ଦାସଙ୍କ ଭଳି ବହୁ ଯୁବକ ଚାକିରି ପାଇଁ ଦାବି କରି ଏହି ଦାବିପତ୍ର ପ୍ରଦାନ କରିଥିଲେ ।

# କଳାକାର ଜୟରାମ ପାତ୍ରଙ୍କ ସଂସାରରେ କଳା ବାଦଲ

## ଛାଡି ଚାଲିଗଲେ ସ୍ତ୍ରୀ : ବଂଚିବାର ରାହା ଖୋଜୁଛନ୍ତି ଦୁଇ ଶିଶୁ



ଜଳେଶ୍ୱର,୧।୧୨ (ନି.ପ୍ର): ଜୀବନ ଜିବିକାର ରାହା ଖୋଜୁଥିବା ବେଳେ ଜଣେ ଯୁବକ ନାଟ୍ୟସଂସ୍ଥାରେ ଜଣେ କଳାକାର ଭାବେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିଲେ । ସେହି ନାଟ୍ୟସଂସ୍ଥାର ଜଣେ ମହିଳା କଳାକାରଙ୍କୁ ନୀବନସାଥୀ ବାଛି ଆଗାମୀ ଦିନର ସୁନେଲି ସ୍ୱପ୍ନ ସାକାର କରିବାକୁ ପ୍ରଚେଷ୍ଟା ଜାରି ରଖିଥିଲେ । ଜଣେ ପୁଅ ଓ ଜଣେ ଝିଅକୁ ନେଇ ସଂସାର ଗଢିଥିବା ବେଳେ ହଠାତ୍ ଜଣେ ମହିଳା କଳାକାରଙ୍କ ଅର୍ନ୍ତଧ୍ୟାନ ହେବା ପରେ ଏବେ ଦୁଇ ଶିଶୁ ବଂଚିବାର ରାହା ଖୋଜୁଛନ୍ତି । ଓଳିଏ ଖାଇ ଅନ୍ୟ ଓଳି ଉପାସରେ ରହି ଦିନ କାଟୁଥିବା ଦୁଇ ଶିଶୁଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇ ଯାଉଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ଥାନା ଅନ୍ତର୍ଗତ ମ୍ୟୁନିସିପାଲଟିର ତଳି ଅଂଚଳ ଶାସନବାର୍ଡର ପଦାସାହି ଠାରେ ଜୟରାମ ପାତ୍ର କାଳାତିପାତ କରି ଆସୁଥିଲେ । ଅଳ୍ପ ବୟସରେ ମାର ମୃତ୍ୟୁ ପରେ ବାପାଙ୍କ ଦ୍ୱିତୀୟ ବିବାହ ତା ଜୀବନରେ କଳାମେଘ ଡାଙ୍କିଥିଲା । ବୁଢୀମା ଜୟରାମକୁ କୋଳେଇ ନେଇଥିଲେ । ଶୈଶବପରେ ଜୟରାମ ଭୋଗରାଇର ଜୟରାମପୁର ଠାରେ ଶୁଭଲକ୍ଷ୍ମୀ ଅପେରାର ଜଣେ ଦାମୀନାମୀ କଳାକାର ପାଲଟି ଯାଇଥିଲେ । ସେହି ନାଟ୍ୟାସଂସ୍ଥାର ମାମୁନୀ ପାତ୍ରକୁ ବିବାହ କରି ସୁଖରେ ଘର ସଂସାର କରିଥିଲେ । ସେମାନଙ୍କ ଠାରୁ ମଧୁସ୍ମିତା ପାତ୍ର (୪) ଓ ବଜରଙ୍ଗ ପାତ୍ର (୨) ବର୍ଷର ହୋଇଥିବା ବେଳେ ମାମୁନୀ ଅର୍ଥିକ ଅନଟନ ସହିନପାରି ସ୍ୱାମୀ ଓ ପିଲା ଦୁଇଟିଙ୍କୁ ଛାଡି ଅନ୍ୟ ଜଣେ ଯୁବକ ସହ ପଳାଇ ଯାଇଥିଲେ । ଏହା ପରେ ଦୁଃଖ ଆରମ୍ଭ ହୋଇ ଯାଇଥିଲା ଜୟରାମ ପାତ୍ରଙ୍କର । ବୁଢୀମାର ମୃତ୍ୟୁ ପରେ ବାସ କରୁଥିବା ସରକାରୀ ଜାଗାକୁ ଅନ୍ୟଜଣକୁ ହସ୍ତାନ୍ତର କରି ଶୁଦ୍ଧକ୍ରିୟା କରିବା ସହିତ ନିଜେ ନିଃସ୍ୱ ହୋଇ ଯାଇଥିଲେ । ଏବେ ୮ ମାସର ଲକ୍‌ଡାଉନ ଯୋଗୁଁ ତାର ଦୁଃଖ ଦ୍ୱିଗୁଣିତ ହୋଇଛି । ଯାତ୍ରାପାର୍ଟି ବନ୍ଦ ପରେ ପିଲା ଦୁଇଟିକୁ ବଂଚାଇବା ପାଇଁ ଜଳେଶ୍ୱରରେ ମୋଟିକାଗିରିକୁ ପାଥେଇ ନେଇଛି । କାମ କଲେ ଦୁଇ ପିଲା ମୁହଁରେ ଆହାର ପଡେ ନଚେତ୍ ଭୋକ ଉପାସରେ ଦିନ ଯାଏ । ଜୟରାମ କାମ କରିବାକୁ ଚାଲିଗଲେ ଦ୍ୱି ପ୍ରହର ଖାଡା ଖାଡା ଉପାସରେ କଟିଯାଏ । ଏହାକୁ ଲକ୍ଷ୍ୟ କରି ଗାଁର ଲକ୍ଷ୍ମିକାନ୍ତ ପରିଡାଙ୍କ ଓଳିରେ ରହି ଆସୁଛି । ଏବେ ଦୁଇଟି ପିଲା ଶିକ୍ଷାଲାଭରୁ ବଂଚିତ । ଏପରିସ୍ଥଳେ ଆଜି ସମାଜସେବୀ ମନୋରଂଜନ ଦାସ ଓ ଅନନ୍ତ ଦାସ ସେମାନଙ୍କ ଲାଗି ଅଣ୍ଟା ଭିଡିଛନ୍ତି । ଏ ସଂପର୍କରେ ଆଇସିଡିଏସ୍ ବିଭାଗର ଦୃଷ୍ଟିଗୋଚର କରିବାରୁ ସୁପରଭାଇଜର ବିନତୀ ସିଂ ସରକାରଙ୍କ ନିୟମ ଅନୁଯାୟୀ ଦୁଇ ଶିଶୁଙ୍କୁ କୌଣସି ଆଶ୍ରମ ସ୍କୁଲରେ ରଖାଯାଇ ପାରିବ ବୋଲି କହିଛନ୍ତି । କିନ୍ତୁ ଏଥିପ୍ରତି ପ୍ରଶାସନ ଓ ନେତୃସ୍ଥାନୀୟ ବ୍ୟକ୍ତିଙ୍କର ସହମତି ଏକାନ୍ତ ଆବଶ୍ୟକ ବୋଲି କହିଛନ୍ତି । ପିଲା ଦୁଇଟିର ଭବିଷ୍ୟତ ଲାଗି ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ମ୍ୟୁନିସିପାଲଟିର ବହୁ ବ୍ୟକ୍ତି ଦାବି କରିଛନ୍ତି ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ




ବାଲେଶ୍ୱର,୦୧।୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଏଡସ୍ ପ୍ରତିକାର ଓ ନିୟନ୍ତ୍ରଣ କକ୍ଷ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ-୨୦୨୦ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଦୁଲାଳ ସେନ ଜଗଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏଡସ ରୋଗର ଭୟାବହତା ଓ ଚଳିତ ବର୍ଷର ବାର୍ତ୍ତା "ବିଶ୍ୱ ଏକତା, ଦାୟିତ୍ୱର ସମଭାଗିତା" ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲ୍ଲା ପରିଷଦ ସଭାପତି ନିବେଦିତା ମହାନ୍ତି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡସ୍ ରୋଗ ଏବଂ ଏଚଆଇଭି ସଂକ୍ରମଣ ଉପରେ ଆଲୋକପାତ କରିଥିଲେ। ଏଡସ୍ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଯଥେଷ୍ଟ ହ୍ରାସ ପାଉଥିବାରୁ ରୋଗୀ ବିପଦର ସମ୍ମୁଖୀନ ହେବା ସହ ମୃତ୍ୟୁମୁଖରେ ପଡିଥାଏ । ଏନେଇ ଜନ ସଚେତନତା ସୃଷ୍ଟି ସହ ଏବଂ ଆତ୍ମ ସଂଯମତା ରକ୍ଷା ଉପରେ ଶ୍ରୀମତୀ ମହାନ୍ତି ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏଡସ ରୋଗର ନିରାକରଣ ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ବିଶେଷ କରି ଯୁବପିଢି ସଚେତନ ହେଲେ ଏହି ରୋଗର ପ୍ରାଦୁର୍ଭାବକୁ ଆମେ କମାଇବାକୁ ସକ୍ଷମ ହୋଇପାରିବା ବୋଲି ସେ କହିଥିଲେ । ଏଡିଏମଓ (ମେଡିକାଲ) ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଏଡିଏମଓ(ଜନସ୍ୱାସ୍ଥ୍ୟ) ଡା ଅନ୍ତର୍ଯ୍ୟାମୀ ମିଶ୍ର ଏଚଆଇଭି ସଂକ୍ରମଣ ହାର ତଥ୍ୟ ପ୍ରଦାନ ସହ ଏଡସ ରୋଗୀଙ୍କ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ଉପରେ ବକ୍ତବ୍ୟ ରଖିଥିଲେ । ୨୦୦୩ ମସିହାରୁ ୨୦୨୦ ଅକ୍ଟୋବର ମାସ ଶେଷ ସୁଦ୍ଧା ଜିଲ୍ଲାରେ ଚିହ୍ନଟ ହୋଇଥିବା ମୋଟ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା ୧୬୮୯ ରେ ପହଂଚିଛି। ଇତିମଧ୍ୟରେ ୩୯୧ଜଣ ଏଡସ୍ ରୋଗୀ ମୃତ୍ୟୁ ବରଣ କରିଥିବା ବେଳେ ୧୧୮ ଜଣ ଗର୍ଭବତୀ ମହିଳା ଆକ୍ରାନ୍ତ ଅଛନ୍ତି। ତେବେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ତୁଳନାରେ ଖଇରା, ସୋରୋ ଓ ସଦର ବ୍ଲକରେ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା ସର୍ବାଧିକ ବୋଲି ଜଣାପଡିଛି । ଜିଲ୍ଲାରେ ଏବେ ଏଚଆଇଭି ପରୀକ୍ଷା ବୃଦ୍ଧି ପାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଥିବା ଡିପିଏମ ରଶ୍ମିତା ମହାନ୍ତି ସୂଚନା ଦେଇଥିଲେ । ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ ପାଳନ ଅବସରରେ ଏଡସ ସଚେତନତା ବର୍ତ୍ତା ସମ୍ପର୍କିତ ଏକ ରଙ୍ଗୋଲୀ ଏବଂ ମ୍ୟୁଜିକ ଚେୟାର ପ୍ରତିଯୋଗିତା ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଏଡସ୍ ପ୍ରତିକାର ଓ ନିୟନ୍ତ୍ରଣ କକ୍ଷ ଡିପିଏମ ରଶ୍ମିତା ମହାନ୍ତି ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ବରିଷ୍ଠ ମେଡିକାଲ ଅଫିସର ଅନୁପ କୁମାର ଘୋଷ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସଚେତନତା ସଭା ପରେ ଅତିଥିମାନେ ପତାକା ଦେଖାଇ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ୫ଦିନ ଧରି ଜିଲ୍ଲାର ବିଭିନ୍ ଅଂଚଳ ଗସ୍ତ କରିବା ସହ ଏଡସ ସମ୍ପର୍କରେ ସଚେତନତା ସୃଷ୍ଟି କରିବ । ସେହିପରି ଏକ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏଣିକି ପ୍ରତି ମମତା ଦିବସରେ ଗର୍ଭବତୀ ମହିଳାମାନଙ୍କର ଏଚଆଇଭି ଓ ସିଫିଲସ୍ ପରୀକ୍ଷା ଲାଗି ବ୍ୟବହାର କରାଯିବାକୁ ଥିବା ଏକ କମ୍ବୋ କିଟ୍‌ର ଉଦଘାଟନ ସ୍ଥାନୀୟ ସହଦେବ ଖୁଂଟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଡିପିଏମ ଶ୍ରୀମତୀ ମହାନ୍ତିଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ ଓ କର୍ମକର୍ତ୍ତାଙ୍କ ସମେତ ଏଏନଏମ ଛାତ୍ରୀମାନେ ଉପସ୍ଥିତ ଥିଲେ ।

## ବାଲେଶ୍ୱର ଅବସରପ୍ରାପ୍ତ ରାଜ୍ୟ ସରକାରୀ ସଙ୍ଘର ଶୋକସଭା

ବାଲେଶ୍ୱର,୦୧।୧୨ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଙ୍ଘର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ଇଂ ଗୌରାଙ୍ଗ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସ୍ୱ. ବଂଶୀଧର ନାୟକ ଏବଂ ସ୍ୱ. ବାସନ୍ତୀ ପାଲଙ୍କ ବିୟୋଗରେ ଏକ ଶୋକସଭା ଅଦ୍ୟ ୧-୧୨-୨୦ରିଖ ମଂଗଳବାର ସଙ୍ଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ସ୍ୱ. ବଂଶୀଧର ନାୟକ କୃଷି ବିଭାଗରେ କାର୍ଯ୍ୟରତ ଥାଇ ଅବସର ପରେ ବସ୍ତା ଶାଖାର ସଙ୍ଗଠକ ଦାୟିତ୍ୱରେ ରହିଥିଲେ। ଗତ ୨୮-୧୨-୨୦ରିଖରେ ସେ ହୃଦ୍‌ରୋଗରେ ଏବଂ ସ୍ୱ. ବାସନ୍ତୀ ପାଲ ସାବିତ୍ରୀ ଉଚ୍ଚ ବିଦ୍ୟାଳୟରୁ ପ୍ରଧାନଶିକ୍ଷୟିତ୍ରୀ ଭାବେ ଅବସର ପରେ ସଂଘର ସଭ୍ୟା ଥାଇ ବିଭିନ୍ନ ସାମାଜିକ କର୍ମରେ ଲିପ୍ତ ରହୁଥିଲେ। ସେ ଗତ ୩୦-୧୧-୨୦ରେ ପରଲୋକ ଗମନ କରିଥିଲେ। ତାଙ୍କ ବିୟୋଗରେ ସଂଘର ସାଧାରଣ ସମ୍ପାଦକ ଇଂ ବନମାଳୀ ନାୟକ, ବସନ୍ତ କୁମାର ନାୟକ, ରବୀନ୍ଦ୍ର କୁମାର ପାଣିଗ୍ରାହୀ, କେଶବ ଚନ୍ଦ୍ର ମହାନ୍ତି, ଭବେଶ ଚନ୍ଦ୍ର ପଣ୍ଡା, ପୁରୁଷୋତ୍ତମ ବେହେରା, ଭବେନଦ୍ର ନାଥ ସ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ନାଗ ସାପ ଉଦ୍ଧାର

ଡେଲାଙ୍ଗ,୦୧।୧୨ (ନି.ପ୍ର): ଡେଲାଙ୍ଗ-କୋଠବାଡ ପଚଂାୟତ ବଡ ଆଙ୍କୁଲା ଗ୍ରାମର କେଶବ ପ୍ରଧାନଙ୍କ ଘରେ ଏକ ନାଗ ସାପ ପସିଥିବା ଦେଖି , ପରିବାର ଲୋକେ ଭୟଭୀତ ହୋଇଯାଇଥିଲେ । ସାପଟି ଘର ଭିତରୁ ବାହରକୁ ନ ବାହାରିବାରୁ ବାଧ୍ୟ ହୋଇ ସ୍ନେକ ହେଲ୍ପ ଲାଇନକୁ ଜଣାଇଥିଲେ । ତୁରନ୍ତ ସ୍ନେକ ହେଲ୍ପ ଲାଇନ ର ସୁଶାନ୍ତ କୁମାର ବେହେରା ସେଠାରେ ପହଚଁ ନାଗ ସାପଟିକୁ ଉଦ୍ଧାର କରି ନେଇଥିଲେ । ପରିବାର ବର୍ଗ ଆଶ୍ୱସ୍ତ ଅନୁଭବ କରିବା ସହ ସ୍ନେକ ହେଲ୍ପ ଲାଇନ ର ଶ୍ରୀ ବେହେରାଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ବିଜେଡି ନେତାଙ୍କ କବଜାରେ ମାର୍କେଟ କମ୍ପ୍ଲେକ୍ସ

## ୨୦୦୯ ମସିହାରୁ ବକେୟା ବିଲ୍ ହୋଇନାହିଁ: ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି



ଗୁଣୁପୁର ୦୧।୧୨ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଜନମଙ୍ଗଳ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ମୁର କରୁଥିବା ବେଳେ ତାର ବିପରିତ ଚିତ୍ର ଦେଖିବାକୁ ମିଳିଛି, ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ଅନ୍ତର୍ଗତ ବିଷମକଟକରେ। ବିଷମକଟକ ମୂଖ୍ୟ ରାସ୍ତା କଢ ରେ ୨୦୦୯ ମସିହାରେ ବିଷମକଟକ ଗ୍ରାମ ପଞ୍ଚାୟତ ନିଜସ୍ୱ ପାଣ୍ଠି ତରଫରୁ ନ ଗୋଟି କମ୍ପ୍ଲେକ୍ସ ନିର୍ମାଣ ପାଇଁ ପ୍ରାୟ ପଚାଶ ଲକ୍ଷ ଟଙ୍କା ମୁର କରାଯାଇଥିଲା। ଏହି କାର୍ଯ୍ୟ ସମାପନ କରିବାପାଇଁ ବିଭାଗୀୟ ଜେ ଇ ଶ୍ରୀ ରାମଚନ୍ଦ୍ର ସୁତାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ଜେ,ଇ ବାବୁ ବିଜେଡି ର ବରିଷ୍ଠ ନେତା ପ୍ରଦୀପ ଗୁଡଲାଙ୍କୁ ଉକ୍ତ ୯ ଗୋଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ପାଇଁ ଜେ ଇ ମୋହଦୟ ଆଦେଶ ଦେଇଥିଲେ। ଦୁଃଖ ଓ ପରିତାପର ବିଷୟ ନିର୍ମାଣ କାର୍ଯ୍ୟ ସରି ଆଜକୁ ପ୍ରାୟ ୧୧ବର୍ଷ ବିତିଯାଇଥିଲେ ମଧ କୈଣସି କାମରେ ନଲାଗି ଛାତ ଉପରେ କୁତ୍ରୀମ ଜଙ୍ଗଲ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ପ୍ରାପ୍ତ ସୁଚନା ଏହିକି ବିଷମକଟକ ଗ୍ରାମ ପଞ୍ଚାୟତର ପ୍ରାୟ ୧୫ଜଣ ହିତାଧୀକାରୀ ଙ୍କ ଠାରୁ କମ୍ପ୍ଲେକ୍ସ ଦେବା ଆଳରେ ଜଣକ ପିଛା ୫୦ହଜାର ଟଙ୍କା ଅଗ୍ରିମ ନେଇ ଥିବା ଶୁଣି ବାକୁ ମିଳିଛି। ଏହି ବିଷୟରେ ସ୍ଥାନୀୟ ସରପଞ୍ଚ ଓ ପିଓ ଙ୍କୁ ଯୋଗାଯୋଗ କରିବାରୁ ସେମାନେ ଆମେ କିଛି ଜାଣିନାହୁ ସେ ସବୁ ପୁରୁଣା କଥା ବୋଲି ସଫେଇ ଦେଇଛନ୍ତି। ଲୋକ ଙ୍କ ଅଗ୍ରିମ ଟଙ୍କା ଫେରାଉଛନ୍ତି ନା କମ୍ପ୍ଲେକ୍ସ ଦେଉଛନ୍ତି ଏହା ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି । ଏହି ଟଙ୍କା କୁ ବିଷମକଟକ ଗ୍ରାମ ପଞ୍ଚାୟତ କରିଛି ନା ବିଭାଗୀୟ ଅଧିକାରୀ ଆତ୍ମସାତ କହିଛନ୍ତି ତାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ନିହାତି ଆବଶ୍ୟକ ଅଟେ । ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ତାର ପ୍ରକୃତ ଇତିହାସ ଲୋକ ଲୋଚନକୁ ଆସିବ ବୋଲି ସାଧାରଣରେ ଦାବୀ ହେଉଛି। ଏପଟେ ପେଟି ଠିକାଦାର ,ପ୍ରଦୀପ ଗୁଡଲାଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ମୋତେ କମ୍ପ୍ଲେକ୍ସ ନିର୍ମାଣ ବାବଦରେ ସେ ଆଠଲକ୍ଷ ଟଙ୍କା ପାଇବାର ଅଛି। ଯାହା ସେ ନିଜ ହାତରୁ ଖର୍ଚ୍ଚ କରିଛନ୍ତି । ତେଣୁ ଯେଉଁ ପର୍ଯ୍ୟନ୍ତ ସେ ବିଲ ପାଇନାହାନ୍ତି ସେପର୍ଯ୍ୟନ୍ତ ତାଙ୍କ କବଜାରେ ମାର୍କେଟ କମ୍ପ୍ଲେକ୍ସ ରହିଛି ,ରହିବ ଏବଂ ତାଲା ଖୋଲିବାର ପ୍ରଶ୍ନ ଉଠୁନାହିଁ ବୋଲି ରୋକ୍ ଠୋକ୍ ମନା କରିଛନ୍ତି । ଏହି ବିଷୟରେ ଜେଇ ମହୋଦୟଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଶ୍ରୀ ଗୁଡଲା ଙ୍କୁ ସମସ୍ତ ବିଲ ପୈଠ କରା ଯାଇଛି । ଏଥିରେ କିଏ ସତିୟା କିଏ ସତର ଏହା ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଦାବୀ ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଏମସିର ବିଭିନ୍ନ ...

ମୁଖ୍ୟମନ୍ତ୍ରୀ ଖଣି କାରବାରକୁ ଏକ ବ୍ୟାପକ ସାମାଜିକ-ଅର୍ଥନୈତିକ ତଥା ପାରିବେଶିକ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ବର୍ଣ୍ଣନା କରିବା ସହିତ ଆହାର, ଆଦର୍ଶ ବିଦ୍ୟାଳୟ ଏବଂ କ୍ରୀଡ଼ା କାର୍ଯ୍ୟକ୍ରମଗୁଡ଼ିକରେ ସହାୟତା ନିମିତ ଓଡ଼ିଶା ଖଣି ନିଗମର ସାମାଜିକ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ।

ଓଡ଼ିଶା ଖଣି ନିଗମ ଦେଶର ଏକ ପ୍ରମୁଖ ସାଧାରଣ ଉଦ୍ୟୋଗ ଭାବରେ ପ୍ରତିଷ୍ଠିତ ହୋଇ ସାମାଜିକ ପ୍ରତିବଦ୍ଧତା, ପରିବେଶ ସଚେତନତା, ଜ୍ଞାନକୌଶଳ ସମୃଦ୍ଧି ଓ ଦକ୍ଷତାଭିତିକ କମ୍ପାନୀ ଭାବରେ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ଉତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଥିଲେ । ଏହି ଅବସରରେ ମନ୍ତ୍ରୀ, ଖଣି ଓ ଇସ୍ପାତ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଏ.କେ. ମୀନା, ଖଣି ଓ ଇସ୍ପାତ ବିଭାଗ ପ୍ରମୁଖ ଶାସନ ସଚିବ ତଥା ନିଗମର ଅଧକ୍ଷ ଶ୍ରୀ ସୁରେନ୍ଦ୍ର କୁମାର, ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭିନୀଲ କ୍ରୀଷ୍ଣା ଓ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ସଂଯୋଜନା କରିଥିଲେ ।

### ଏମ୍ଏନ୍‌ଜିଏଲ୍‌ର ...

ମାଧମରେ ସିଏନଜି ଯୋଗାଣର କାମ ଦିଆଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ସେ କହିଛନ୍ତି ଅଧିକ ସ୍ଥାୟୀ ଉର୍ଜା ବ୍ୟବହାର ପାଇଁ ୨୦୩୦ ସୁଦ୍ଧା ପ୍ରାଥମିକ ଉର୍ଜା ମିଶ୍ରଣରେ ପ୍ରାକୃତିକ ଗ୍ୟାସର ସେୟାର ୧୫ ପ୍ରତିଶତ ଲକ୍ଷ୍ୟ ହାସଲ କରିବାକୁ ଭାରତ ପ୍ରତିବଦ୍ଧ । ଏହା ସମ୍ଭବ ହେଲେ ପରିବେଶ ପ୍ରଦୂଷଣ ହ୍ରାସ ହେବ । ପ୍ରାକୃତିକ ଗ୍ୟାସର ଅଧିକ ବ୍ୟବହାର ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବ । ଫଳରେ ଉର୍ଜା କ୍ଷେତ୍ରରେ ଦେଶର ଆମଦାନୀ ତଥା ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ଘଟିବ । ପ୍ରାକୃତିକ ଗ୍ୟାସ ବ୍ୟବହାର ପାଇଁ ସିଜିଡ଼ି କ୍ଷେତ୍ର ଏକ ପ୍ରମୁଖ ଶିଳ୍ପ ଭାବରେ ଉଭା ହୋଇଛି । ଘରୋଇ, ପରିବହନ, ବାଣିଜ୍ୟିକ ଏବଂ ଶିଳ୍ପ କ୍ଷେତ୍ରରେ ସିଜିଡ଼ି ନେଟୱାର୍କର ଅଧିକ ବ୍ୟବହାର ବୃଦ୍ଧି ହେତୁ ଚାହିଦା ଆଗାମୀ ଦିନରେ ବଢ଼ିବାକୁ ଯାଉଛି । ଆମର ଉର୍ଜା ବ୍ୟବହାରର ରୋଡମ୍ୟାପ୍ ଆତ୍ମନିର୍ଭର ହେବ ଏବଂ ବଡ ଆକାରରେ ରୋଜଗାର ସୃଷ୍ଟି କରିବ ବୋଲି ସେ କହିଛନ୍ତି ।

### ପରୀ ହତ୍ୟାକାଣ୍ଡ ....

ଶ୍ରୀ ନାଏକ କହିଛନ୍ତି ଗତକାଲି ପରୀ ହତ୍ୟାକାଣ୍ଡର ଗ୍ରାଉଣ୍ଡ ଜିରୋକୁ ଯାଇ ବାସ୍ତବ ସ୍ଥିତି ଅନୁଧାନ କରିଛୁ । ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ବିଜେପି ପକ୍ଷରୁ ଚଳିର ବିଧାନସଭା ଅଧିବେଶନରେ ଘଟଣାର ତଦନ୍ତ ସହ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବୀ କରାଯାଇଥିଲେ ହେଁ ସରକାର ଗୃହରେ ନୀରବ ରହିବା କେବଳ ବିବୃତି ଦେଇ କାର୍ଯ୍ୟ ସାରି ଦେବା ଘଟଣାକୁ ଜଟିଳ କରିଦେଉଛି । ପରୀ ପ୍ରସଙ୍ଗରେ ମନ୍ତ୍ରୀ ଅରୁଣ ସାହୁଙ୍କ ସଂପୃକ୍ତି ଥିବାର ଅଡିଓ ବିଭିନ୍ନ ଗଣମାଧ୍ୟମରେ ଖୁଲାସା ହୋଇଛି । ସ୍ଥାନୀୟ ସରପଂଚଙ୍କ ସହ ମନ୍ତ୍ରୀ ଶ୍ରୀ ସାହୁ ହୋଇଥିବା କଥାବାର୍ତ୍ତାରେ ସିଧାସଳଖ ଘଟଣାର ମୁଖ୍ୟ ଅଭିଯୁକ୍ତ ବାବୁଲି ନାୟକଙ୍କ ଯେ, ତାଙ୍କର ସଂପର୍କୀୟ ତାହା ପ୍ରମାଣିତ ହୋଇଛି । ମନ୍ତ୍ରୀ ଅରୁଣ ସାହୁଙ୍କ ଏହି ଅଡିଓ ଭାଇରାଲ ହୋଇଥିଲେ ମଧ ରାଜ୍ୟ ଗୃହ ବିଭାଗ ପକ୍ଷରୁ ତାଙ୍କୁ ଏଯାଏଁ ତଦନ୍ତ ପରିସରଭୁକ୍ତ କରାନଯିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ନାଏକ କହିଛନ୍ତି ।

ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକଙ୍କ ନେତୃତ୍ୱରେ ଭେଟିଥିବା ଏହି ପ୍ରତିନିଧି ମଣ୍ଡଳରେ ଅନ୍ୟମାନଙ୍କ ମଧରେ ବିଧାୟକ ଦଳ ଉପନେତା ବିଷ୍ଣୁ ସେଠୀ, ମୁଖ୍ୟ ସଚେତକ ମୋହନ ମାଝୀ, ବରିଷ୍ଠ ନେତା ଜୟ ନାରାୟଣ ମିଶ୍ର, ସୁବାଷ ପାଣିଗ୍ରାହୀ, ଶଙ୍କର ଓରାମ, କୁସୁମ ଟେଟେ, ନାଉରୀ ନାୟକ, ଭାସ୍କର ମଢେଇ, ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଡା.ମୁକେଶ ମହାଲିଙ୍ଗ, ପ୍ରକାଶ ସୋରେନ, ଭବାନୀ ଭୋଇ, ନିତ୍ୟାନନ୍ଦ ଗଣ୍ଡ, ଆଦିତ୍ୟ ମାଢୀ ପ୍ରମୁଖ ବିଧାୟକମାନେ ଉପସ୍ଥିତ ଥିଲେ ।

### ଅଯୋଧାର ସରଜୁ ....

ସେଲ୍‌ଫି ପଏଣ୍ଟ ରହିବ । ଏହି ଟୁର୍ ଶେଷରେ ପର୍ଯ୍ୟଟକମାନେ ସରଜୁ ଆରତୀରେ ଭାଗ ନେବେ । ଉତ୍ତର ପ୍ରଦେଶ ପର୍ଯ୍ୟଟନ ବିଭାଗର ସାନି ତଥ୍ୟ ଅନୁଯାୟୀ ପ୍ରତିବର୍ଷ ୨କୋଟି ପର୍ଯ୍ୟଟକ ଅଯୋଧା ପରିଦର୍ଶନରେ ଆସନ୍ତି । ଏଠାରେ ରାମ ମନ୍ଦିର କାର୍ଯ୍ୟ ସମାପ୍ତ ହେବା ପରେ ପର୍ଯ୍ୟଟକଙ୍କ ଆଗମନ ବହୁଗୁଣିତ ହେବ ବୋଲି ପାରାଦୀପ ବନ୍ଦର ଲେକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

### ଚାଷୀଙ୍କୁ ଠକିଲା .....

ସବ୍‌ସିଡ୍ ବାବଦକୁ ୬ଲକ୍ଷଟଙ୍କା ଫେରି ପାଇବାପାଇଁ ୨ଟି ବ୍ଲାଙ୍କ ଚେକ୍ ଚାଷୀମାନଙ୍କଠାରୁ ନେଇଥିବାର ଭିଜିଲାନ୍ସର ଡାଇରେକ୍ଟରଙ୍କୁ ଲିଖିତଭାବେ ଜଣାଇଥିବା କହିଛନ୍ତି । କିନ୍ତୁ ଧାନ ଅମଳର ମାତ୍ର କେଇଘଣ୍ଟାପରେ ଏହି ହାର୍‌ଭେଷ୍ଟର୍ ଗୁଡିକ ଅକାମୀ ହୋଇଥିଲା । ଏହି ମେସିନ୍‌ର କୌଣସି ଯନ୍ତ୍ରାଂଶ ସୋରୁମ୍ ପକ୍ଷରୁ ଯୋଗାଇ ଦିଆଯାଉନାହିଁ । ଫଳରେ ଦୀର୍ଘମାସ ଧରି ମେସିନ୍ ଗୁଡିକ ପଡିରହି ଖତ ଖାଉଛି ଓ ଚାଷୀମାନେ ଠକାମୀର ଶୀକାର ହୋଇଛନ୍ତି । ଫାଇନାନ୍ସ କମ୍ପାନୀ ପକ୍ଷରୁ ଋଣ ଆଦାୟଲାଗି ଜୁଲମ କରାଯାଉଥିବା ସେମାନେ କହିଛନ୍ତି । ଏ ସଂପର୍କରେ ଗୋପୀନାଥ ପାତ୍ର, ରାଧାକାନ୍ତ ଘୋଷ, ଦେବାଶିଷ ଦାସ, ସୁଶାନ୍ତ ବେହେରା, ମହମ୍ମଦ ରିଆଜୁଦ୍ଦିନ, ରେମୁଣାର ରବିନ୍ଦ୍ର ପ୍ରଧାନ, ପ୍ରଶାନ୍ତ ବେହେରା, ସାଗର କାମିଲା, ଗୁରୁକୃଷ୍ଣ ସାହୁ, କମଳାକାନ୍ତ ସେଠୀ, ବଳଙ୍ଗାର ତପନ ଜେନା, ଭେଲୋରାର ବିଶ୍ୱଜିତ୍ ଦାସ, ମାଳତୀ ଜେନା ପ୍ରମୁଖ ବହୁଚାଷୀ ରାଜ୍ୟ ଖାଉଟି ଅଦାଲତରେ ଆବେଦନ କରିବା ସହିତ ବାଲେଶ୍ୱର ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଜଣାଇଛନ୍ତି । ସେହିଭଳି ଓଡିଶା ଓ ପଶ୍ଚିମବଂଗ ସୀମା ଅଂଚଳରେ ଜମ୍‌ଲିଅନ୍, ଫିଲ୍ଡକିଂଗ, ଜେମ୍ ଓ୍ୱର୍ଡଷ୍ଟାର୍, ଅଶୋକା, ଟ୍ରାଇସ୍ୱାନ୍, ବର୍ଦ୍ଧମାନ, ପ୍ରିତ୍ ଇତ୍ୟାଦି କମ୍ପାନୀ ପକ୍ଷରୁ ହାର୍ଭେଷ୍ଟର ବିକ୍ରି କରୁଥିବା ବେଳେ ସରକାରଙ୍କ ସ୍ୱିକୃତପ୍ରାପ୍ତ କି ନାଁ ତାହା ତଦନ୍ତ ସାପେକ୍ଷ ।

### ଜିଲ୍ଲାସ୍ତରୀୟ ....

ବିଷୟବସ୍ତୁକୁ ନେଇ ଚଳିତବର୍ଷର 'ବିଶ୍ୱ ଏଡ୍‌ସ ଦିବସ' ପାଳନ କରାଯାଉଛି । କରୋନା ମହାମାରୀକୁ ଗୁରୁତ୍ୱ ଦେବାକୁ ଯାଇ ଏଡ୍‌ସ ଭଳି ଆଉ ଏକ ମହାମାରୀକୁ ଅଣଦେଖା କରିବା ଉଚିତ ନୁହେଁ। ଏହାର ନିରାକରଣ ସଚେତନତା, ସଂଯମତା ଓ ଦାୟିତ୍ୱ ସମ୍ପନ୍ନ ଆଚରଣ ମାଧମରେ କରାଯାଇ ପାରିବ। ଏଡ୍‌ସ ରୋଗୀଙ୍କୁ ଭେଦଭାବର ଶିକାର ହେବାକୁ ଯେପରି ଦିଆ ନଯାଏ ସେଥିପ୍ରତି ଜନସାଧାରଣ ଯତ୍ନବାନ ହେବାକୁ ଡ. ଦାସ ପରାମର୍ଶ ଦେଇଥିଲେ । ମୁଖ୍ୟ ଚିକିତ୍ସାଧିକାରୀ ଡା. ପାତ୍ର ଜିଲ୍ଲାର ଏଡ୍‌ସ ରୋଗୀଙ୍କ ପରିସଂଖ୍ୟାନ ଉପସ୍ଥାପନ କରିଥିଲେ । ଜନସାଧାରଣ ଏଡ୍‌ସ ରୋଗୀଙ୍କୁ ଅଛୁଆଁ ନଭାବି ନିଜେ ସତର୍କତା ଅବଲମ୍ବନ କରିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚକିତ୍ସାଳୟର କର୍ମଚାରୀ, ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## କୋଭିଡ୍ କଟକଣାରେ ଆରମ୍ଭ ହେଲା କୋଣାର୍କ ଉତ୍ସବ

ଭୁବନେଶ୍ୱର, ୦୧।୧୨ (ନି.ପ୍ର): ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସହଯୋଗରେ ଆୟୋଜିତ କୋଣାର୍କ ଉତ୍ସବ ୨୦୨୦କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡ଼ିଜିଟାଲ ମୋଡରେ ଉଦଘାଟନ କରିଛନ୍ତି । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ, ଶକ୍ତି, ଶିଳ୍ପ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ପର୍ଯ୍ୟଟନ ଓ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜଗତସିଂହପୁର ସାଂସଦ ଡ଼. ରାଜଶ୍ରୀ ମଲ୍ଲିକ, ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, ଓଡ଼ିଆ ଭାଷା ସାହିତ୍ୟ, ପର୍ଯ୍ୟଟନ ବିଭାଗ କମିସନର ଓ ସଚିବ ବିଶାଲ କୁମାର ଦେବ୍, ପୁରୀ ଜିଲ୍ଲାପାଳ ବଲୱନ୍ତ ସିଂ ଓ ପର୍ଯ୍ୟଟନ ଉନ୍ନୟନ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର ଆଦି ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏକ ତୃତୀୟାଂଶ ଦର୍ଶକଙ୍କ ଉପସ୍ଥିତିରେ ମୁକ୍ତାକାଶ ମଂଚରେ ପ୍ରଥମ ପ୍ରସ୍ତୁତିକୁ ନେଇ ପ୍ରବେଶ କରିଥିଲେ ଓଡ଼ିଶା ଡ଼୍ୟାନ୍ସ ଏକାଡ଼େମୀର ଶିଳ୍ପୀଗଣ । ନଟରାଜ ଶିବ ଶଙ୍କରଙ୍କ ଅର୍ଚ୍ଚନାରେ ପ୍ରସ୍ତୁତ ଶିବମ୍ ଧୀମହୀକୁ ନିଖୁଣଭାବେ ବାଢି ଦେଇଥିଲେ ଗୁରୁ ଅରୁଣା ମହାନ୍ତିଙ୍କ ଦ୍ୱାରା ପ୍ରଶିକ୍ଷିତ ଶିଳ୍ପିଗଣ । ଏକାଡ଼େମୀର ଦ୍ୱିତୀୟ ପ୍ରସ୍ତୁତିରେ ଉପସ୍ଥାପିତ ହୋଇଥିଲା ନୃତ୍ୟାଭିନୟ 'ଏକ ପ୍ରଶ୍ନ'। ଦ୍ୱାପର ଯୁଗର ଚାରିଜଣ ନାରି - ଯୋଶଦା, ରାଧା, ହିଡ଼ିମ୍ବା ଓ ଦ୍ରୈପଦୀଙ୍କର ଅବତାର ପୁରୁଷ କୃଷ୍ଣଙ୍କ ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ ପ୍ରଶ୍ନକୁ ନେଇ ଜୀବନ ଦର୍ଶନର ଆବେଗକୁ ପୁଣି ବାଢିଦେଇଥିଲେ ଶିଳ୍ପିଗଣ । ପରେ ଭାରତନାଟ୍ୟମ ନୃତ୍ୟକୁ ମଞ୍ଜୁସ୍ଥ କରିଥିଲେ ଡ଼. ଶିଳା ଉନ୍ନିକ୍ରିଷ୍ଣନ୍ ଓ ଶ୍ରୀଦେବୀ ନୃତ୍ୟାଳୟର ଶିଳ୍ପୀଗଣ । ଆବାହନି, ଆଲ୍ଲାରିପୁ, ବର୍ଣ୍ଣମ୍, ଶଙ୍କର, ଶ୍ରୀଗିରିକୀର୍ତ୍ତିମ୍ ଓ ଶୀବମଙ୍ଗଳମ୍ କୁ ନେଇ ସଂଯୋଜିତ ହୋଇଥିଲା । ନୃତ୍ୟାଭିନୟ ଓ ନମଃ ଶିବାୟ ଭାରତ ନାଟ୍ୟମ ନୃତ୍ୟ ଶୈଳୀର ନିଖୁଣ ଉପସ୍ଥାପନ ହୋଇଥିଲା । ଏହା ବ୍ୟତୀତ ଚନ୍ଦ୍ରଭାଗାର ବିସ୍ତୀର୍ଣ୍ଣ ବାଲୁକା ଶର୍ଯ୍ୟାରେ ଆନ୍ତର୍ଜାତୀୟ ବାଲୁକା କଳାର ମଧ୍ୟ ଶୁଭାରମ୍ଭ ହୋଇଛି । ମୋଟ ୨୫ ଟି ଷ୍ଟଲରେ ୭୦ ଜଣ .ପ୍ରତିଯୋଗୀ ବାଲୁକା କଳା ପ୍ରଦର୍ଶନ କରିଛନ୍ତି । ସେମାନଙ୍କ ମଧ୍ୟରେ ୬ ଜଣ ରାଜ୍ୟ ବାହାରର ଶିଳ୍ପୀ ରହିଛନ୍ତି । ପର୍ଯ୍ୟଟନ ବିଭାଗ ତରଫରୁ ସାମାଜିକ ଦୂରତା ରକ୍ଷା, ବିଶୋଧନ ଓ ମୁଖାବରଣ ପରିଧାନକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଡ଼ି ଡ଼ି ଭାରତୀରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ହୋଇଥିଲା । ଅଧ୍ୟାପକ ଡ଼. ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣି ସନ୍ଧ୍ୟାର ପରିବେଶଣକୁ ସଂଯୋଜିତ କରିଥିବା ବେଳେ ପର୍ଯ୍ୟଟନ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଓଡ଼ିଶା ଗବେଷଣା କେନ୍ଦ୍ର ମୁଖ୍ୟ ନିର୍ମାହୀ ଡ଼. ସଙ୍ଗୀତା ଗୋସାଇଁ ଓ ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ପ୍ରବୋଧ କୁମାର ରଥ ପରିଚାଳନାରେ ସହାୟତା ଦେଇଥିଲେ ।

# ନିରାଡମ୍ବର ଭାବେ ବନ୍ଦର ଦିବସ ପାଳିତ



ପାରାଦ୍ୱୀପ ,୦୧।୧୨ (ନି.ପ୍ର): ପ୍ରତିବର୍ଷ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଦିନ ପାରାଦ୍ୱୀପ ବନ୍ଦର ପ୍ରଶାସନ ପକ୍ଷରୁ 'ବନ୍ଦର ଦିବସ' ବା 'ପୋର୍ଟ ଡେ' ମହା ଆଡମ୍ବର ସହକାରେ ପାଳନ କରାଯାଇଥାଏ ଓ ଏଥିରେ ପ୍ରବଳ ଜନସମାଗମ ହୋଇଥାଏ । କିଂ ଚଳିତ ବର୍ଷ କରୋନା ସଂକ୍ରମଣ ଜନିତ କଟକଣା ପାଇଁ ବନ୍ଦର ପ୍ରଶାସନ କୋଭିଡି-୧୯ ନିୟମ ପାଳନ ପୂର୍ବକ ପରମ୍ପରା ରକ୍ଷା ନିମିତ୍ତ ଏହି ଦିବସକୁ ନିରାଡମ୍ବ ଭାବେ ପାଳନ କରିଛି । ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାରାଦ୍ୱୀପ ବନ୍ଦର ଅଧକ୍ଷ ରିଙ୍କେଶ ରଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସକାଳେ ୱେଟ୍ ବେସିନ୍ ଠାରେ ପାରାଦ୍ୱୀପ ବନ୍ଦର ପତାକା ଉତ୍ତୋଳନ କରି ଅଧକ୍ଷ ରଏ ଅଭିବାଦନ ଗ୍ରହଣ କରିଥିଲେ ଓ ଏହାପରେ ବନ୍ଦର ମେରାଇନ୍ ଜାହାଜ ପରିଦର୍ଶନ କରିଥିଲେ । ବନ୍ଦର କର୍ମଗ୍ରରୀଙ୍କୁ ସମ୍ବୋଧିତ କରି ଶ୍ରୀ ରଏ ମହାନ ଦୂରଦୃଷ୍ଟି ସମ୍ପନ୍ନ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ ସ୍ୱର୍ଗତ ପଟ୍ଟନାୟକ ଓଡିଶା ରାଜ୍ୟରେ ବନ୍ଦର ଆରମ୍ଭ କରିବାର ସ୍ୱପ୍ନ ଦେଖିଥିଲେ । ଏଥିମଧ୍ୟରେ ତାଙ୍କ ସ୍ୱପ୍ନ ସାକାର ହୋଇ ପାରାଦ୍ୱୀପ ବନ୍ଦର ସଂପ୍ରତି ଉଲ୍ଲେଖନୀୟ ସଫଳତା ଓ ଅଗ୍ରଗତି କରିଛି ଏବଂ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ପଣ୍ୟ କାରବାର କ୍ଷେତ୍ରରେ ଭାରତର ବୃହତ ବନ୍ଦର ମଧ୍ୟରେ ଏକ ନମ୍ବର ସ୍ଥାନ ଅଧିକାର କରିଛି । ବନ୍ଦର କର୍ମଚାରୀ ଓ ବ୍ୟବହାରକାରୀ ମାନଙ୍କୁ ସେମାନଙ୍କର ସର୍ବୋତ୍ତମ ପ୍ରୟାସ ଜାରୀ ରଖି ଆର୍ଥିକ ବର୍ଷ ଶେଷ ସୁଦ୍ଧା ପାରାଦ୍ୱୀପ ବନ୍ଦରକୁ ଏକ ନମ୍ବର ବନ୍ଦର ଲକ୍ଷ୍ୟରେ ସହଯୋଗ କରିବାକୁ ଅଧକ୍ଷ ରଏ ସମସ୍ତଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ । ଛଅ ଦଶକର ବ୍ୟବଧାନ ପରେ ଆଗାମୀ କିଛିଦିନ ମଧ୍ୟରେ ମହାନଦୀ ନଦୀ ଆବାହୀକାରେ ନଦୀ ଭିତ୍ତିକ ପଣ୍ୟ ପରିବହନ ଆରମ୍ଭ ହେବାକୁ ଯାଉଛି । ପାରାଦ୍ୱୀପ ବନ୍ଦର ବର୍ତ୍ତମାନ ଦେଶର ସର୍ବୋତ୍କୃଷ୍ଟ ବାଣିଜ୍ୟ ଅନୁକୂଳ ଓ ଉଚ୍ଚ ଉତ୍ପାଦନକାରୀ ବନ୍ଦର ବୋଲି ଶ୍ରୀ ରଏ ନିଜ ବକ୍ତବ୍ୟରେ କହିଥିଲେ । ପାରାଦ୍ୱୀପ ବନ୍ଦର ଉପସଂରକ୍ଷକ କପ୍ତାନ ଅତୁଲ୍ୟ କୁମାର ମହାପାତ୍ର ଏହି ସଭାରେ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ବନ୍ଦର ଦିବସ ପାଳନ କରିବାର ମହତ୍ୱ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧରେ ବନ୍ଦର ଉପାଧକ୍ଷ ଏ.କେ.ବୋଷ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଓଡିଶାର ଗୌରବମୟ ସାମୁଦ୍ରିକ ପରମ୍ପରାକୁ ଆଲୋକିତ କରିଥିଲେ । ଏହି ପରିପ୍ରେକ୍ଷିରେ ବନ୍ଦର ଉପସଂରକ୍ଷକ କପ୍ତାନ ଅତୁଲ୍ୟ କୁମାର ମହାପାତ୍ର, ମୁଖ୍ୟ ଚିକିତ୍ସାଧିକାରୀ ଡା. ପହଲ୍ଲାଦ ଚନ୍ଦ୍ର ପଣ୍ଡା, ଭୂସମ୍ପଦ ଅଧିକାରୀ ବିଶ୍ୱଜିତ୍ ମିଶ୍ର, ବନ୍ଦର ଚିକିତ୍ସାଳୟର ସଫେଇ କର୍ମଚାରୀ ପ୍ରଶା' କୁମାର ଜେନା, ସାଧବ ସିପିଂର ପ୍ରଥମ ଶ୍ରେଣୀ ମାଷ୍ଟର ବିକାଶ ଚନ୍ଦ୍ର କଳସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ବନ୍ଦର ମୁଖ୍ୟଯନ୍ତ୍ରୀ ମଳୟ ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।

## ଫନୀ ସହାୟତା ଦାବି ନେଇ କଂଗ୍ରେସ ପକ୍ଷରୁ ତହସିଲ ଘେରାଉ

ଡେଲାଙ୍ଗ,୧।୧୨, ଫନୀ ମହାବାତ୍ୟା କୁ ଦେଢବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ହିତାଧିକାରୀ ମାନେ ସହାୟତା ପାଇବାରୁ ବଚିଂତ ଥିବା ନେଇ ଜାତୀୟ କଂଗ୍ରେସ ପୁରୀ ଜିଲ୍ଲା ସଭାପତି ଅଜିତ ମଙ୍ଗରାଜ ଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଫନୀ ଘର ଭଙ୍ଗା ସହାୟତା ତୁରନ୍ତ ସମସ୍ତ ବିପନ୍ନଙ୍କୁ ପ୍ରଦାନ କରିବା ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ତହସିଲଦାର ରାଜେନ୍ଦ୍ର କୁମାର ଆଚାରୀଆଙ୍କ ନିକଟରେ ଦାବି ଉପସ୍ଥାନ କରିଛନ୍ତି । ଏଥିରେ କଂଗ୍ରସେ ବ୍ଲକ ସଭାପତି ରବିନ୍ଦ୍ର କୁମାର ଦାସ, ଗଡମୋଟରୀ ପୂର୍ବତନ ସରପଚଂ ବିପିନୀ ବିହାରୀ ବଳବନ୍ତରାୟ ,ସରପଚଂ ଲକ୍ଷ୍ମୀଧର ବେହେରା .ସମିତି ସଭ୍ୟ କାଚଂନ ବାଳା ବେହେରା ,ସମିତି ସଭ୍ୟ ନିରଜଂନ ଜେନା ,ସୁଦାମ ପଲେଇ,ପୂର୍ବତନ ବ୍ଲକ ସଭାପତି ଦେବ ପ୍ରସାଦ ରାଉତରାୟ ପ୍ରମୁଖ ସାମିଲ ହୋଇ ଥିଲେ ।

## ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତିଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୧।୧୨(ନି.ପ୍ର): ବିଜୁ ଯୁବ ଜନତା ଦଳର ନବ ନିଯୁକ୍ତ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜଙ୍କୁ ଜିଲାର ଯୁବନେତାମାନେ ଆଜି ସମ୍ବର୍ଦ୍ଧିତ କରିଛନ୍ତି। ସ୍ଥାନୀୟ ହୋଟେଲ କଳିଙ୍ଗରେ ଆୟୋଜିତ ଉତ୍ସବରେ ସୁବ୍ରତ ଦାସ ପୌରୋହିତ୍ୟ କରିଥିଲେ। ବିଶ୍ୱଜିତ୍ ଦାସ, ସଂଜୀବ ମିଶ୍ର, ପ୍ରଦୀପ କୁମାର ମିଶ୍ର, ବିକାଶ ବଂଶଲ ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ରହି ବିଜେଡିର ରାଜ୍ୟସ୍ତରୀୟ ଯୁବ ନେତୃତ୍ୱ ତଥା ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କର ସଂଗଠନିକ ଦକ୍ଷତାକୁ ଗୁରୁତ୍ୱ ଦେଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ କାର୍ଯ୍ୟକାରୀ ସଭାପତି ପଦବୀରେ ନିଯୁକ୍ତ କରିଥିବା ବେଳେ ସେ ମଧ୍ୟ ଆଗାମୀ ଦିନରେ ରାଜ୍ୟର ଯୁବ ସଂଗଠନକୁ ଆଗେଇ ନେବେ ବୋଲି ସମ୍ବର୍ଦ୍ଧନା ସଭାରେ ସମସ୍ତେ ଆଶା ପ୍ରକାଶ କରିଥିଲେ। ସମ୍ବର୍ଦ୍ଧିତ ଅବସରରେ ଶ୍ରୀ ମଙ୍ଗରାଜ ସନ୍ତୋଷ ପ୍ରକାଶ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଆଗାମୀ ଦିନରେ ରାଜ୍ୟର ବିଜୁ ଯୁବ ସଂଗଠନକୁ ଆଗେଇ ନେବାକୁ ସେ ପ୍ରୟାସ ଜାରି ରଖିବେ ବୋଲି ଶ୍ରୀ ମଙ୍ଗରାଜ କହିଥିଲେ। ବିଶେଷ କରି ତୃଣମୂଳ ସ୍ତରରୁ ଯୁବଗୋଷ୍ଠୀଙ୍କ ସମସ୍ୟା ସମାଧାନ ଉପରେ ଅଧିକ ଫୋକସ କରିବେ ବୋଲି ସେ କହିଥିଲେ। ବାଲେଶ୍ୱର ପୌରାଞ୍ଚଳ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ବିଜୁ ଯୁବ ଜନତା ଦଳର ବହୁ ନେତା ଏହି ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିଲେ। ସମୀର କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତୀକ ପଟ୍ଟନାୟକ, ସୁରଜ ଦାସ, ପ୍ରିୟଙ୍କା ପଣ୍ଡ, ସତ୍ୟଜିତ୍ ଦାସ ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ବିଶ୍ୱ ଏଡ୍ସ ଦିବସରେ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୦୧।୧୨ (ନି.ପ୍ର): କର ଫାଉଣ୍ଡେସନ୍ ତରଫରୁ ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। କର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ଅଭିନେତା ଚନ୍ଦନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କମିଶନର ସୁଲୋଚନା ଦାସ, ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ପୂର୍ବତନ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା, ଯୁବ ସମାଜସେବୀ ମୀର ଅହମ୍ମଦ ଅଲ୍ଲୀ ଯୋଗ ଦେଇଥିଲେ। ଏଡ୍ସ ରୋଗ ବ୍ୟାପିବାର କାରଣ, ଲକ୍ଷଣ ଓ ପ୍ରତିକାର ସମ୍ବନ୍ଧରେ ଶ୍ରୀ କର ଆଲୋଚନା କରିଥିଲେ। ଏଡ୍ସ ରୋଗୀଙ୍କ ପ୍ରତି ଲୋକଙ୍କ ମନରେ ଥିବା ଘୃଣାଭାବ ଦୂର କରିବା ସହ ବ୍ୟାପକ ସଚେତନତା ଜରୁରୀ ବୋଲି ଶ୍ରୀମତୀ ଦାସ ମତବ୍ୟକ୍ତ କରିଥିଲେ। ସମାଜରେ ଏଡ୍ସ୍ ପୀଡ଼ିତଙ୍କୁ ସ୍ନେହ, ଭଲପାଇବା ଦେବାକୁ ଶ୍ରୀ ପରିଡ଼ା ଅନୁରୋଧ କରିବା ସହ ଯେତେବେଳେ ସରକାର କୌଣସି ରୋଗୀର ଅନ୍ୟାନ୍ୟ ରୋଗ ଚିକିତ୍ସା କରୁଛନ୍ତି ବାଧ୍ୟତାମୂଳକ ଭାବେ ଏଡସ୍ ପରୀକ୍ଷା କରାଇନେବା ଉଚିତ ବୋଲି କହିଥିଲେ।

## ଦିଲ୍ଲୀ କୃଷକଙ୍କ ଉପରେ ଆକ୍ରମଣର ପ୍ରତିବାଦ

ବାଲେଶ୍ୱର,୦୧।୧୨ (ନି.ପ୍ର): ଦିଲ୍ଲୀ ରାଜଧାନୀର ଉପକଣ୍ଠରେ ଲକ୍ଷଲକ୍ଷ କୃଷକ କେନ୍ଦ୍ରସରକାରଙ୍କ ନୂତନ କୃଷିଆଇନ୍ ପ୍ରତ୍ୟାହାର ଦାବିକରି ବସିରହିଛନ୍ତି। କେନ୍ଦ୍ରରେ ବିଜେପି ସରକାର ଏହି କୃଷକମାନଙ୍କ ସମାବେଶ ନ କରାଇଦେବାପାଇଁ ଲାଠି, ଲୁହବୁହା ଗ୍ୟାସ୍ ଓ ପାଣି ମାଡ଼ କରି ବିଭିନ୍ନ ପ୍ରତିବନ୍ଧକ ସୃଷ୍ଟି କରିଥିଲେ ମଧ୍ୟ ଚାଷୀମାନଙ୍କ ଏକତାକୁ ଭାଙ୍ଗିପାରିନାହାଁନ୍ତି। ତେଣୁ ଆଜି ବାଲେଶ୍ୱରରେ ସ୍ଥାନୀୟ ବିଚାରଗଞ୍ଜ ଛକ ଠାରେ କୃଷକ ସଂଘର୍ଷ ସମନ୍ୱୟ ସମିତି ତରଫରୁ ଅପରାହ୍ନରେ ଏକ ପଥପ୍ରାନ୍ତ ସଭା ପ୍ରେମରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନୂତନ କୃଷିଆଇନ୍ ବୃହତ୍ କମ୍ପାନୀମାନଙ୍କ ସ୍ୱାର୍ଥ ରକ୍ଷା କରିବ ଓ ଚାଷୀମାନେ ନିଜ ଉତ୍ପାଦନର ମୂଲ୍ୟରୁ ବଞ୍ଚିତ ହେବେ ବୋଲି ଏହି ସଭାରେ ବକ୍ତାମାନେ ଅଭିଯୋଗ କରିଥିଲେ। ଅତ୍ୟାବଶ୍ୟକୀୟ ପଦାର୍ଥ ଉପରୁ ନିୟନ୍ତ୍ରଣ ଉଠିଯିବା ଫଳରେ ପ୍ରତ୍ୟେକ ଖାଉଟି ଦ୍ରବ୍ୟର ମୂଲ୍ୟବୃଦ୍ଧି ଆଜି ଆକାଶଛୁଆଁ ହୋଇଛି। କିଣିଖାଉଥିବା ଲୋକେ ଏବଂ ଚାଷୀମାନେ ଏହାଫଳରେ କ୍ଷତିଗ୍ରସ୍ତ ହେଉଛନ୍ତି। ଏଣୁ କେନ୍ଦ୍ର ସରକାର ନୂତନ କୃଷି ଆଇନ୍ ବାତିଲ କରିବା ସହ ଚାଷୀମାନଙ୍କ ଉପରେ କରାଯାଇଥିବା ଦେଶଦ୍ରୋହ ଏବଂ ଅନ୍ୟାନ୍ୟ ମାମଲା ତୁରନ୍ତ ପ୍ରତ୍ୟାହାର କରିବାକୁ କୃଷକ ସଂଘର୍ଷ ସମନ୍ୱୟ ସମିତି ତରଫରୁ ପ୍ରତିବାଦ ସଭାରେ ବକ୍ତାମାନେ ଦାବି କରିଥିଲେ। ଏହି ସଭାରେ ସିପିଆଇଏମ୍‌ର ଜିଲ୍ଲା ସମ୍ପାଦକ ଶିଶିର ହୁଇ, ସିପିଆଇର ଜିଲ୍ଲା ସହ-ସମ୍ପାଦକ ଭାଗବତ ପ୍ରତିହାରୀ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଚାଷୀ ଏକତା ମଞ୍ଚର ଆବାହକ ଅରୁଣ ଜେନା, ଯତୀନ୍ ପାତ୍ର, ନିକୁଞ୍ଜ ବସନ୍ତ ରାୟ, ବନ୍ଦନା ବିଶ୍ୱାସ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ କୃଷକ ଆନ୍ଦୋଳନକୁ ସମର୍ଥନ କରି ବ୍ୟାପକ ଆନ୍ଦୋଳନର ଆହ୍ୱାନ ଦେଇଥିଲେ। ଆସନ୍ତା ୫ ତାରିଖ ଶନିବାର ଦିନ ୧୦ଟାରେ ଜିଲ୍ଲାସ୍ତରୀୟ ଏକ କନ୍‌ଭେନ୍‌ସନ୍‌ରେ ଏ ସମ୍ପର୍କରେ ସବିଶେଷ ନିଷ୍ପତ୍ତି ନିଆଯିବ ବୋଲି ସଭାରେ ଘୋଷଣା କରାଯାଇଛି। ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




## ଜିଲ୍ଲାସ୍ତରୀୟ ବିଶ୍ୱ ଏଡ୍ସ ଦିବସ ପାଳିତ



ଭଦ୍ରକ,୧।୧୨(ନି.ପ୍ର.): ଭଦ୍ରକ ଜିଲ୍ଲାସ୍ତରୀୟ ବିଶ୍ୱ ଏଡ୍ସ ଦିବସ ଆଜି କୋଭିଡ଼ କଟକଣା ମଧ୍ୟରେ ପାଳନ କରାଯାଇଛି। ଏକ ନିରାଡମ୍ବର ସଭା ମାଧ୍ୟମରେ ଅନୁଷ୍ଠିତ ଉତ୍ସବ ପ୍ରାରମ୍ଭରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ଏଡ୍ସ ସଚେତନତା ରଥ ସହର ପରିକ୍ରମା ପାଇ ଶୁଭାରମ୍ଭ କରିଥିଲା। ଏହାକୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର ଉପସ୍ଥିତ ଥିଲେ। ପରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଜିଲ୍ଲାପାଳ ଡ. ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଏଡ୍ସ ନିୟନ୍ତ୍ରକ ଅଧିକାରୀ ତଥା ଡିପିଏମ୍ ଦେବବ୍ରତ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁବାସିଷ ମହାରଣା ଓ ଡା. ମୁରଲୀଧର ପାଢ଼ୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ଡ. ଦାସ ତାଙ୍କ ବକ୍ତବ୍ୟରେ 'ବିଶ୍ୱ ଏକତା, ସହଭାଗିତା ଓ ଦାୟିତ୍ୱ'

▶▶ପୃଷ୍ଠା ୭

## ଅଯୋଧ୍ୟାର ସରଜୁ ନଦୀ ଉପରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ରାମାୟଣ କ୍ରୁଜ୍ ସେବା

ପାରାଦୀପ ,୦୧।୧୨ (ନି.ପ୍ର): ଅଯୋଧ୍ୟାର ସରଜୁ ନଦୀ ଉପରେ ଖୁବ୍ ଶୀଘ୍ର ଶ୍ରଦ୍ଧାଳୁ ମାନଙ୍କର ଯାତ୍ରା ସେବା ନିମନ୍ତେ ରାମାୟଣ କ୍ରୁଜ୍ ସେବାର ଶୁଭାରମ୍ଭ ହେବାକୁ ଯାଉଅଛି। ଏଥିପାଇଁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ମନ୍ତ୍ରୀ ମନ୍‌ସୁଖ ମାଣ୍ଡଭ୍ୟାଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଦିନ ନୂଆଦିଲ୍ଲୀଠାରେ ଆୟୋଜିତ ହୋଇଯାଇଅଛି। ପବିତ୍ର ସରଜୁ ନଦୀର ଘାଟ ଦେଇ ଏହି କ୍ରୁଜ୍ ଗତି କରିବା ସମୟରେ ଭକ୍ତମାନଙ୍କୁ ଆଧ୍ୟାତ୍ମିକ ଯାତ୍ରା ସହ ଐଶ୍ୱରୀୟ ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ ରଖାଯାଇଛି। ପ୍ରସ୍ତାବିତ କ୍ରୁଜ୍ ଜାହାଜର ଥ୍ରୀଡି ଡିଜାଇନ୍‌ରେ ସମସ୍ତ ବିଳାଶପୂର୍ଣ୍ଣ ଆରାମ ବ୍ୟବସ୍ଥା ସୁବିଧା ସୁଯୋଗ ଓ ସୁରକ୍ଷା ବିଶ୍ୱସ୍ତରୀୟ ରହିବ। କ୍ରୁଜ୍ ର ଆଭ୍ୟନ୍ତରୀଣ ସାଜସଜ୍ଜା ତଥା ବୋର୍ଡିଙ୍ଗ୍ ପଏଣ୍ଟ୍ ରାମଚରିତ ମାନସର ବିଷୟବସ୍ତୁ ଉପରେ ଆଧାରିତ ହେବ। ସଂପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ୮୦ଶଯ୍ୟା ବିଶିଷ୍ଟ କ୍ରୁଜରେ ଘାଟମାନଙ୍କର ଦୃଶ୍ୟ ଓ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ବଡବଡ କାଚ ଝରକା ବ୍ୟବସ୍ଥା ରହିବ। ଏଥିରେ ରୋଷେଇ ଘର, ପ୍ୟାଣ୍ଟ୍ରି ଓ ବାୟୋ ଟଏଲେଟ୍ ବ୍ୟବସ୍ଥା ମଧ୍ୟ ରହିବ। ପର୍ଯ୍ୟଟକମାନେ ଏକରୁ ଦେଢ ଘଣ୍ଟା ଅବଧି ବିଶିଷ୍ଟ ରାମଚରିତ ମାନସ ଟୁରରେ ଯିବେ। ଏଥିରେ ୪୫ରୁ ୬୦ ମିନିଟ୍ ଧରି ଗୋସ୍ୱାମୀ ତୁଳସୀ ଦାସ ଙ୍କ ରଚିତ ରାମଚରିତ ମାନସ ଉପରେ ଏକ ସ୍ୱତନ୍ତ୍ର ଭିଡିଓ ଚିତ୍ର ପ୍ରଦର୍ଶିତ ହେବ। ଏଥିରେ ପ୍ରଭୁରାମଙ୍କ ଜନ୍ମଠାରୁ ଆରମ୍ଭ କରି ରାଜାଭିଷେକ ବିଷୟବସ୍ତୁ ରହିବ। ଏଥିରେ ସମସ୍ତ ଭ୍ରମଣ ୧୫ରୁ ୧୬କି.ମି. ପଥ ଅତିକ୍ରମ କରିବ। ଏଥିରେ ରାମାୟଣର ବିଭିନ୍ନ ଏପିସୋଡ୍ ଦ୍ୱାରା ଅନୁପ୍ରାଣିତ ଅନେକ କାର୍ଯ୍ୟକଳାପ ଓ ▶▶ପୃଷ୍ଠା ୭



## ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୪,୯୩୦ କରୋନାର ନୂଆ ମାମଲା

ମୁମ୍ବାଇ , ୧।୧୨(ନି.ପ୍ର): ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୪,୯୩୦ ନୂଆ କରୋନାର ମାମଲା ସାମନାକୁ ଆସିଛି। ଏହି ସମୟ ମଧ୍ୟରେ ୯୫ ଜଣଙ୍କର ମୃତ୍ୟୁ ଘଟିଛି। ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୮,୨୮,୮୨୬ ହୋଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କରୋନା କାରଣରୁ ୪୭,୨୪୬ଜଣ ମୃତ୍ୟୁବରଣ କରିଛନ୍ତି।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୧।୧୨(ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଙ୍ଘର ସଦସ୍ୟ ବଂଶୀଧର ନାୟକ ଏବଂ ସଦସ୍ୟା ବାସନ୍ତୀ ପାଲଙ୍କ ବିୟୋଗରେ ଏକ ଶୋକସଭା ସଙ୍ଘ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ଇଂ ଗୌରାଙ୍ଗ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମକର୍ତ୍ତାଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ସ୍ୱର୍ଗତ ନାୟକ ଓ ସ୍ୱର୍ଗତା ପାଲଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଦୁଇ ସଦସ୍ୟଙ୍କ ବିୟୋଗ ସଂଘ ପାଇଁ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଦୁଇ ଦିବଙ୍ଗତ ସଦସ୍ୟଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଉଭୟଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ସଦସ୍ୟମାନେ ଉଭୟଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଇଂ ବନମାଳୀ ନାୟକ, ବସନ୍ତ କୁମାର ନାୟକ, ରବୀନ୍ଦ୍ର କୁମାର ପାଣିଗ୍ରାହୀ, କେଶବ ଚନ୍ଦ୍ର ମହାନ୍ତି, ଭବେଶ ଚନ୍ଦ୍ର ପଣ୍ଡା, ପୁରୁଷୋତ୍ତମ ବେହେରା, ଭବେନ୍ଦ୍ର ନାଥ ସ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଅନଲାଇନରେ ତାଲୁକ ସ୍ତରୀୟ ଆଇନ ସଚେତନ ଶିବିର

ଗୁଣୁପୁର ୦୧।୧୨ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ଉପଖଣ୍ଡରେ ତାଲୁକ ସ୍ତରୀୟ ଆଇନ ସଚେତନ ଶିବିର ଅନୁଷ୍ଠିତ ହୋଇଛି। କରୋନା କଟକଣା ଯୋଗୁଁ ଏହି କାର୍ଯ୍ୟକ୍ରମ ଅନଲାଇନ ମାଧ୍ୟମରେ ହୋଇଥିଲା। ଏହି କ୍ରମରେ ଗୁଣପୁର ଉପଖଣ୍ଡର ୪ଟି କଲେଜକୁ ସ୍ଥାନିତ କରାଯାଇଥିଲା। ପଦ୍ମପୁର ବ୍ଲକର ଆର.ଜି.ଡିଗ୍ରୀ କଲେଜ, ଆର.ଜି.ଜୁନିୟର କଲେଜ, ଗୁଣପୁରର ବଂଶଧାରା +୨ ବିଜ୍ଞାନ ମହାବିଦ୍ୟାଳୟ ଓ ରାମନାଗୁଡା ବ୍ଲକର ଆର୍ଯ୍ୟନ ମହାବିଦ୍ୟାଳୟ।କଲେଜର ସବୁ ଛାତ୍ରୀ ଛାତ୍ର ଏହି ଶିବିରରେ ଯୋଗଦେଇ ଅନଲାଇନ ମାଧ୍ୟମରେ ଆଇନ ଓ ମୌଳିକ ଦାୟିତ୍ୱ ବିଷୟ ବୁଝିବାକୁ ଚେଷ୍ଟା କରିଥିଲେ।ସମସ୍ତେ ସବୁବେଳେ ମୌଳିକ ଅଧିକାର ବିଷୟରେ କହିଥାଁନ୍ତି, ମାତ୍ର ମୌଳିକ କର୍ତ୍ତବ୍ୟ ବା ଦାୟିତ୍ୱରୁ ଦୁରେଇ ରହିଥାଁନ୍ତି। ସମ୍ବିଧାନର ୪୨ ସଂଶୋଧନ ଆଇନ ୧୯୭୬ ରେ ୫୧ (କ)ଅନୁଯାୟୀ ୧୦ ଗୋଟି ମୌଳିକ କର୍ତ୍ତବ୍ୟ ପାଳନର ବ୍ୟବସ୍ଥା ରଖାଯାଇଛି। ସେଗୁଡିକ ସଂବିଧାନ,ଜାତୀୟ ପତାକା ଏବଂ ସଙ୍ଗୀତ ପ୍ରତି ସମ୍ମାନ, ସ୍ୱାଧୀନତା ସଂଗ୍ରାମ ଆଦର୍ଶରେ ଅନୁପ୍ରାଣିତ, ସାର୍ବଭୌମତ୍ୟ ବଜାୟ ରଖିବା, ଦେଶର ସୁରକ୍ଷାକୁ ଅଗ୍ରାଧିକାର,ନାରୀଜାତିକୁ ମର୍ଯ୍ୟାଦା, ମିଶ୍ରିତ ସଂସ୍କୃତି ବଜାୟ ରଖିବା, ପ୍ରାକୃତିକ ପରିବେଶ, ସମ୍ପତ୍ତି ଏବଂ ପ୍ରାଣୀମାନଙ୍କ ପ୍ରତି ଅନୁକମ୍ପା, ମାନବିକତା,ବୈଜ୍ଞାନିକ ମନୋଭାବ ଏବଂ ସଂସ୍କାର ମୁଳକ ମନୋଭାବ ପୋଷଣ, ଜାତୀୟ ସମ୍ପତ୍ତିର ସୁରକ୍ଷା, ସ୍ୱତନ୍ତ୍ର ଏବଂ ସାମୁହିକ କାର୍ଯ୍ୟର ଶ୍ରେଷ୍ଠତା ଲାଭ କରିବାକୁ ଉଦ୍ୟମ କରିବା। ଏହି ସଚେତନ ଶିବିରକୁ ଆଗେଇ ନେବାରେ ଗୁଣପୁର ବାର ଆସୋସିଏସନର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସମ୍ପାଦକ ରମେଶ ଚନ୍ଦ୍ର ଲିମା,ଏଡିଜେ ଅଜୟ କୁମାର ପ୍ରଧାନ ମୁଖ୍ୟ ଦାୟିତ୍ୱ ନେଇଥିଲେ। ଏହି ଅବସରରେ ରାମନାଗୁଡା ଆର୍ଯ୍ୟାନ ମହାବିଦ୍ୟାଳୟ ଛାତ୍ରୀଛାତ୍ର ମଧ୍ୟ ମତ ବିନିମୟ କରିଥିଲେ। କଲେଜର ଅଧ୍ୟକ୍ଷ ରବି ଚୌଧୁରୀ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ।

## ପ୍ରିମିୟମ ଗ୍ରେଡ୍ ପେଟ୍ରୋଲ 'ଅକ୍ଟେନ ୧୦୦'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

### ପ୍ରଥମ ପର୍ଯ୍ୟାୟରେ ଦେଶର ୧୦ଟି ସହରରେ ଉପଲବ୍ଧ ହେବ

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୧।୧୨ (ନି.ପ୍ର): ଦେଶର ଲୋକମାନଙ୍କ ଜୀବନକୁ ସହଜ କରିବା ପାଇଁ ସହଜ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମଙ୍ଗଳବାର ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସି ମାଧ୍ୟମରେ ଇଣ୍ଡିଆନ ଅଏଲ ଦ୍ୱାରା ବିକଶିତ ଦେଶର ପ୍ରଥମ ବିଶ୍ୱସ୍ତରୀୟ ପ୍ରିମିୟମ ଗ୍ରେଡ୍ ପେଟ୍ରୋଲ 'ଅକ୍ଟେନ ୧୦୦'ର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ହାଇଗ୍ରେଡ୍ ଯୁକ୍ତ ତୈଳ ଇନ୍ଧନକୁ ଇଣ୍ଡିଆନ ଅଏଲ ପକ୍ଷରୁ 'ଏକ୍ସପି ୧୦୦' ନାମରେ ବ୍ରାଣ୍ଡିଂ କରାଯାଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଧୀରେଧୀରେ ସ୍ୱଦେଶୀ ଜ୍ଞାନକୌଶଳର ମହତ୍ୱ ବଢୁଛି। ଇଣ୍ଡିଆନ ଅଏଲ ଗବେଷଣା ଏବଂ ବିକାଶ(ଆର ଏବଂ ଡ଼ି) ପକ୍ଷରୁ ନୂଆ ଜ୍ଞାନକୌଶଳର ବିକଶିତ କରାଯାଇ ଦେଶର ଏହି ସର୍ବୋତ୍କୃଷ୍ଟ ତୈଳ ଆଜି ଠାରୁ ବଜାରରେ ବିକ୍ରି କରାଯିବାର କାମ ଆରମ୍ଭ ହେବା ଗର୍ବର ବିଷୟ। ପ୍ରିମିୟମ ଯାନ ମାନଙ୍କରେ ଏହି ତୈଳର ବ୍ୟବହାର ଦ୍ୱାରା ଇଞ୍ଜିନର ଗତି ବଢ଼ିବ। ଇଣ୍ଡିଆନ ଅଏଲର ଏହି ପଦକ୍ଷେପକୁ ପ୍ରଂଶସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ। ପ୍ରଥମ ପର୍ଯ୍ୟାୟରେ ଦେଶର ୧୦ଟି ସହର ଯଥା ଦିଲ୍ଲୀ, ଗୁଡଗାଁଓ, ନୋଏଡ଼ା, ଆଗ୍ରା, ଜୟପୁର, ଚଣ୍ଡିଗଡ଼, ଲୁଧିଆନା, ମୁମ୍ବାଇ, ପୁଣେ, ଅହମ୍ମଦବାଦରେ ଏହି ହାଇଗ୍ରେଡ୍ ଯୁକ୍ତ ତୈଳ ଇନ୍ଧନକୁ ଉପଲବ୍ଧ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଏହି ତୈଳକୁ ଚେନ୍ନାଇ, ବାଙ୍ଗାଲୋର, ହାଇଦ୍ରାବାଦ, କୋଚି ଏବଂ କଲିକତା ସହରରେ ଉପଲବ୍ଧ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉର୍ଜା ଦୃଷ୍ଟିକୋଣରେ ଭାରତ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଆତ୍ମନିର୍ଭର ଭାରତ ଦିଗରେ ଏହା ବଡ଼ ପଦକ୍ଷେପ। ଭାରତୀୟ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ହେବା ଉଭୟ ଦେଶ ଏବଂ ଦେଶବାସୀଙ୍କୁ ଲାଭ ଦେଇଛି। ବଜାରରେ ଉତମ ମାନର ତୈଳ ଇନ୍ଧନ ଆଣିବା ଭାରତ ସରକାରଙ୍କ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ମୋଦି ଦେଶରେ ଇଜ୍ ଅଫ୍ ଲିଭିଂକୁ ପ୍ରାଥମିକତା ଦେଇ ଆସିଛନ୍ତି। ଏହି ଶୃଙ୍ଖଳାରେ ପୂର୍ବରୁ ୩୦ ହଜାର କୋଟି ବ୍ୟୟରେ ଦେଶରେ ବିଏସ-୬ ଭଳି କ୍ୱାଲିଟି ଇନ୍ଧନକୁ ଉପଲବ୍ଧ କରାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।



## ନୁଆ ଚଳଚ୍ଚିତ୍ର ଏଇ ବୋଧେ ଭଲପାଇବାର ଶୁଭ ମହୁରତ

ଭୁବନେଶ୍ୱର,୦୧।୧୨ (ନି.ପ୍ର): ଭୁବନେଶ୍ୱରସ୍ଥିତ କିଟ୍ କ୍ୟାମ୍ପସରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଏଇ ବୋଧେ ଭଲପାଇବାର ଶୁଭ ମହୂରତ' ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଂସ୍କୃତି ସଚିବ ରଞ୍ଜନ କୁମାର ଦାସଙ୍କ ନିଜସ୍ୱ କାହାଣୀକୁ ନେଇ କଳିଙ୍ଗ ସୂର୍ଯ୍ୟ ସିନେ ପ୍ରଡକ୍ସନ୍ ପ୍ରସ୍ତୁତ କରୁଥିବା ଏହି ଚଳଚ୍ଚିତ୍ରର ଶୀର୍ଷକ ରହିଛି। 'ଏଇ ବୋଧେ ଭଲପାଇବା'। ପ୍ରଯୋଜକ ଆଲେକଜାଣ୍ଡାର ଦାସ ଓ ସିଦ୍ଧାର୍ଥ ପାତ୍ର, ନିର୍ଦ୍ଦେଶକ ସୁଧାକର ବସନ୍ତ, ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାର, କଳାକାର ଓ ଟେକନିସିଆନଙ୍କ ଉପସ୍ଥିତିରେ ସୁଟିଂ ପୂର୍ବରୁ କ୍ଲାପ୍ ଦେଇ ଶୁଭ ମହୁରତ କରିଥିଲେ କାଦମ୍ବିନୀର ସମ୍ପାଦିକା ଡଃ ଇତିରାଣୀ ସାମନ୍ତ ଏବଂ ଓଡ଼ିଆ ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ। ମହୁରତରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ସିନେ କ୍ରିଟିକ୍ ଆସୋସିଏସନର ସମ୍ପାଦକ ଦିଲୀପ୍ ହାଲି, ସଂଳାପକାର ଡଃ ରଜନୀ ରଞ୍ଜନ, ଓଲିଉଡ୍‌ର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ। ଏଇ ଚଳଚ୍ଚିତ୍ରର ନାୟକ ଭୂମିକାରେ ଦୀପକ ଓ ନାୟିକା ଭୂମିକାରେ ଅଛନ୍ତି ଅନୁଭା। ଏମାନଙ୍କ ବ୍ୟତୀତ କୁନା ତ୍ରିପାଠୀ, ସରୋଜ ଦାସ, ନନ୍‌ସେନ୍ସ ମଣି, ପ୍ରତିଭା ପଣ୍ଡା, ମଧୁ, ନମିତା ଅପା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଚଳଚ୍ଚିତ୍ରର ପ୍ରଡକ୍ସନ୍ କରୁଛନ୍ତି ଚିତ୍ତରଞ୍ଜନ ଆଚାର୍ଯ୍ୟ ଏବଂ ଡିଓପି ଭାବେ ଦାୟିତ୍ୱ ନିର୍ବାହୀ କରୁଛନ୍ତି ଅଜିତ କିଶୋର ଦାସ।



## ଚାଷୀଙ୍କୁ ଠକିଲା ଜୁମ୍‌ଲିଅନ୍ ହାର୍‌ଭେଷ୍ଟର୍ କମ୍ପାନୀ

### ଭିଜିଲାନ୍ସ ତଦନ୍ତ ଦାବି : ଆସନ୍ତା ୩ରେ ସୋରୁମ୍ ସମ୍ମୁଖରେ ଆମରଣ ଅନଶନ



ଜଳେଶ୍ୱର, ୧/୧୨ (ନି.ପ୍ର) : କୃଷିକ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ପ୍ରବେଶ ଯୋଗୁଁ ଚାଷୀମାନେ ଅଧିକ ଲାଭ ପାଇଁ ବିଭିନ୍ନ ମେସିନ୍‌ର ବ୍ୟବହାର କରୁଛନ୍ତି। କିନ୍ତୁ ବାଲେଶ୍ୱର ଓ ମୟୁରଭଂଜ ଜିଲାର ବହୁଚାଷୀ ଜୁମଲିଅନ୍ କମ୍ପାନୀରୁ ଧାନ ଅମଳ ମେସିନ୍ କିଣିଥିବା ବେଳେ ସେସବୁରେ ତ୍ରୁଟି ଦେଖାଯିବା, ଯନ୍ତ୍ରାଂଶ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ବାରମ୍ବାର ଖରାପ ହେବା ଏବଂ ତାହା ବଜାରରେ ନ ମିଳିବା ଯୋଗୁଁ ଶତାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ଜଳେଶ୍ୱର ଇନ୍ ହୋଟେଲଠାରେ ଆୟୋଜିତ ସମ୍ବାଦଦାତା ସମ୍ମିଳନୀରେ ଚାଷୀମାନେ ପ୍ରକାଶ କରିଛନ୍ତି। ଏହା ଭିଜିଲାନ୍ସ ତଦନ୍ତ ନ ହେଲେ ଆସନ୍ତା ୩ ତାରିଖରେ ଜଳେଶ୍ୱର ସ୍ଥିତ ସୋରୁମ୍ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ବାଲେଶ୍ୱର ଜିଲାର ୬୦ନଂ ଜାତୀୟ ରାଜପଥ ଜଳେଶ୍ୱରର ବାଇପାସ୍ ନିକଟରେ ବିଶାଖା ଏଗ୍ରୋ ନାମକ ଏକ ସୋ ରୁମଖୋଲି ଜଳେଶ୍ୱର, ରାଇବଣିଆ, ବଡସାହି, ଖୁଣ୍ଟା, ରେମୁଣା, ବାଲେଶ୍ୱର ଅଂଚଳର ବହୁ ଚାଷୀଙ୍କୁ ଜୁମ୍‌ଲିଅନ ହାର୍ଭେଷ୍ଟର ବିକ୍ରିକରିଥିଲେ। ଶ୍ରୀରାମ ଫାଇନାନ୍ସ ନାମକ ଏକ କମ୍ପାନୀ ଦ୍ୱାରା ଋଣ ସୂତ୍ରରେ ଏହି ମେସିନ୍ ବିକ୍ରି କରାଯାଇଥିବା ଜଣାଯାଇଛି। କିନ୍ତୁ ୫ବର୍ଷର ୱାରିଣ୍ଟି ଥିବା ବେଳେ କିଛିଘଣ୍ଟାର ଧାନ ଅମଳ ପରେ ଏହାର ଯନ୍ତ୍ରାଂଶ ଅକାମୀ ହୋଇଥିବା ଅଭିଯୋଗ ହୋଇଛି। ବିଶାଖା ଏଗ୍ରୋ ସୋରୁମ୍‌ର ମାଲିକ ଅଭିମନ୍ୟୁ ଦିନ୍ଦା ଓରଫ ବାବୁଲି ଏହି ସୋରୁମ୍ ଖୋଲିଥିଲେ। ଏହି ହାର୍ଭେଷ୍ଟର ମୂଲ୍ୟ ୨୪ଲକ୍ଷ୫୦ହଜାରରୁ ୨୫ଲକ୍ଷ୫୦ହଜାର ମଧ୍ୟରେ ବିକ୍ରି ହେଉଥିବା ବେଳେ ୬ଲକ୍ଷ୫୦ହଜାର ଟଙ୍କା ନଗଦ ନେଇଥିଲେ। ୩୫ଟି ମାସିକ କିସ୍ତିରେ ଅର୍ଥ ପରିଶୋଧ କରିବା ଏଗ୍ରୀମେଣ୍ଟ ହୋଇଥିବା ବେଳେ

▶▶ପୃଷ୍ଠା ୭

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo